Bhubaneswar- 17 may 2026
ଭୁବନେଶ୍ୱର- ୧୭ ମେ' ୨୦୨୬
Vol- 1 Issue - 21
ଭାଗ- ୧ ସଂଖ୍ୟା- ୨୧
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA



୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭


# ଆଣ୍ଡାମାନ ଛୁଇଁଲା ମୌସୁମୀ

## ଧାର୍ଯ୍ୟ ସମୟ ୫ରୁ ୬ ଦିନ ଆଗରୁ ପହଞ୍ଚିଲା

**ନୂଆଦିଲ୍ଲୀ:** ପ୍ରବଳ ଖରା ଓ ଗରମ ମଧ୍ୟରେ ଆଶ୍ୱସ୍ତି ଖବର ଆସିଛି। ଭାରତକୁ ବିଧିବଦ୍ଧ ଭାବେ ପ୍ରବେଶ କରିଛି ଚଳିତ ବର୍ଷର ଦକ୍ଷିଣ ପଶ୍ଚିମ ମୌସୁମୀ। ଧାର୍ଯ୍ୟ ସମୟ ଆଗରୁ ମୌସୁମୀ ପ୍ରବେଶ ସମସ୍ତଙ୍କୁ ଉତ୍ସାହିତ କରିଛି।ଆଜି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରଥମ ପର୍ଯ୍ୟାୟରେ ଆଣ୍ଡାମାନ ଦ୍ୱୀପକୁ ସ୍ପର୍ଶ କରିଛି। ଆଣ୍ଡମାନାର କିଛି ଅଂଶ ସମେତ ନିକୋବର ଦ୍ୱୀପପୁଞ୍ଜରେ ମୌସୁମୀ ନିଜର ଉପସ୍ଥିତି ଜାହିରି କରିଛି। ଦକ୍ଷିଣପୂର୍ବ ଆରବ ସାଗର, ଦକ୍ଷିଣପୂର୍ବ ବଙ୍ଗୋପସଗାର ଓ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ମଧ୍ୟ ମୌସୁମୀ ସକ୍ରିୟ ରହିଛି। ଏହା ଧୀରେଧୀରେ ଆଗକୁ ବଢୁଥିବା ମଧ୍ୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମୌସୁମୀ ଆଗମନ ଯୋଗୁ ସେଠାରେ ମଧ୍ୟ ଆଜି ସକାଳ ଠାରୁ ବର୍ଷା ଲାଗି ରହିଛି। ଆଣ୍ଡାମାନରେ ମୌସୁମୀ ଧାର୍ଯ୍ୟ ସମୟରୁ ୫ରୁ ୬ ଦିନ ଆଗରୁ ପହଞ୍ଚିଛି। ତେଣୁ କେରଳମରେ ମଧ୍ୟ ଏହା ମେ' ୨୬ ବେଳକୁ ପହଞ୍ଚି ସାରିଥିବ ବୋଲି ଆକଳନ କରାଯାଉଛି। ସାଧାରଣତଃ ମୌସୁମୀ ଜୁନ ୧ ବେଳକୁ କେରଳମ ଛୁଇଁ ଥାଏ। ଏହାର ୭ରୁ ୧୦ ଦିନ ପରେ ଏହା ଓଡ଼ିଶାରେ ପ୍ରବେଶ କରିଥାଏ। ଯଦି ମେ' ୨୬ ବେଳକୁ ମୌସୁମୀ କେରଳ ଛୁଇଁବ, ତା'ହେଲେ ଜୁନ ୫ କିମ୍ବା ୬ ସୁଦ୍ଧା ଏହା ଓଡ଼ିଶା ଛୁଇଁବାର ମଧ୍ୟ ସମ୍ଭାବନା ରହିଛି। ୨୦୨୬ ବର୍ଷରେ ମୌସୁମୀ ଆଗୁଆ ଭାରତରେ ପ୍ରବେଶ କରିଥିଲେ ହେଁ ଏହାର ପ୍ରଭାବରେ ସ୍ୱାଭାବିକ ଠାରୁ କମ ବର୍ଷା ହୋଇପାରେ ବୋଲି ଆଇଏମଡି ଆକଳନ କରି ସାରିଛି। ଆଇଏମଡିର କହିବା କଥା ଯେ ଚଳିତ ବର୍ଷ ସମଗ୍ର ଦେଶରେ ଦୀର୍ଘ ଅବଧିରେ ହାରହାରି ୯୨% ଯାଏ ବର୍ଷା ହେବ। ଏହି ଆକଳନ ୫% ଅଧିକ କିମ୍ବା ୫% କମ ହୋଇପାରେ। ଜୁନରୁ ସେପ୍ଟେମ୍ବର ମଧ୍ୟରେ ୯୦ରୁ ୯୫% ବର୍ଷା ହେଲେ ଏହାକୁ ସ୍ୱାଭାବିକ ଠାରୁ କମ ବର୍ଷା ବୋଲି କୁହାଯାଏ। ଦକ୍ଷିଣ ପଶ୍ଚିମ ମୌସୁମୀ ପାରମ୍ପରିକ ଭାବେ କେରଳମ ଦେଇ ଭାରତର ବିଭିନ୍ନ ସ୍ଥାନକୁ ପ୍ରବେଶ କରିଥାଏ। ଜୁନ ୧ରେ ଏହା କେରଳମ ସ୍ପର୍ଶ କରିବା ସହ ସେପ୍ଟେମ୍ବର ଯାଏ ସମଗ୍ର ଦେଶରେ ନିଜର ଦବଦବା ଦେଖାଇଥାଏ। ଏଥର ମୌସୁମୀ ଉପରେ ଏଲ ନିନୋର ପ୍ରଭାବ ଅଧିକ ଥିବାରୁ ସ୍ୱାଭାବିକ ଠାରୁ କମ ବର୍ଷା ହେବ।ଦେଶର ଜିଡିପିରେ କୃଷି କ୍ଷେତ୍ରର ଅବଦାନ ୧୮%। ସେହିପରି ଦେଶର ୪୨% ଲୋକ କୃଷି ଉପରେ ନିର୍ଭର କରନ୍ତି। ତେଣୁ ମୌସୁମୀ ସ୍ୱାଭାବିକ ଠାରୁ କମ ବର୍ଷିବା ଭଲ ସଙ୍କେତ ନୁହେଁ। ମୌସୁମୀ ଉପରେ ଦେଶର ୫୨% ଉତ୍ପାଦନ ନିର୍ଭର କରିଥାଏ। ସେହିପରି ପିଇବା ପାଣି ଯୋଗାଣ ଓ ବିଜୁଳି ଉତ୍ପାଦନରେ ମଧ୍ୟ ଭଲ ମୌସୁମୀ ସହାୟକ ହୋଇଥାଏ।

## ଓଏମ୍‌ସି ଖଣି ଅଞ୍ଚଳବାସୀଙ୍କ ଜୀବନଶୈଳୀରେ ସକରାତ୍ମକ ପରିବର୍ତ୍ତନ ଆଣିଛି

# ବାଙ୍ଗୁର କ୍ରୋମାଇଟ୍ ଖଣିରୁ ପ୍ଲାଟିନମ୍ ଗ୍ରୁପ୍ ଏଲିମେଣ୍ଟ ଉତ୍ତୋଳନ ପାଇଁ ପଦକ୍ଷେପ

## କାଳିଆପାଣିଠାରେ ଓଡିଶା ମାଇନିଂ ଆଦର୍ଶ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ଶୁଭାରମ୍ଭ



**ଭୁବନେଶ୍ୱର:** ବର୍ତ୍ତମାନ ବିଶ୍ୱ ବଜାରରେ ଲୁହାପଥର, ବକ୍ସାଇଟ୍, କ୍ରୋମାଇଟ୍ ଭଳି କଞ୍ଚାମାଲ୍‌ର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଓଡିଶା ଖଣି ନିଗମ ଏହି ବର୍ଦ୍ଧିତ ଚାହିଦାକୁ ନିରନ୍ତର ଭାବେ ପୂରଣ କରିବା ସହିତ ରାଜ୍ୟର ଶିଳ୍ପାୟନ ଓ ଅର୍ଥନୈତିକ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଶନିବାର ଓଡିଶା ଖଣି ନିଗମର ୭୧ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହା କହିଛନ୍ତି।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୬୦ ଦଶକରେ ମାତ୍ର ୧ କୋଟି ଟଙ୍କାର ଆର୍ଥିକ କାରବାରରୁ ଯାତ୍ରା ଆରମ୍ଭ କରିଥିବା ଓଏମ୍‌ସି ୨୦୨୫-୨୬ ଆର୍ଥିକ ବର୍ଷରେ ୨୫ ହଜାର କୋଟି ଟଙ୍କାର କାରବାର କରିଛି। ଏଥି ସହିତ ୪୫ ନିୟୁତ ଟନ ଖଣିଜ ଉତ୍ତୋଳନ ଜରିଆରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରି ଦେଶର ଏକ ଅଗ୍ରଣୀ ଖଣି ସଂସ୍ଥା ଭାବେ ପ୍ରତିଷ୍ଠା ହାସଲ କରିଛି। ଏବେ ସମୟ ଆସିଛି, ଓଡିଶା ଖଣି ନିଗମ ତାର କାର୍ଯ୍ୟ ପରିସରକୁ ଆହୁରି ବ୍ୟାପକ କରି ଦେଶର ଅନ୍ୟାନ୍ୟ ରାଜ୍ୟରେ ଖଣି ଭିତ୍ତିକ କାର୍ଯ୍ୟକଳାପ ଆରମ୍ଭ କରିବା । ଓଡିଶା ଖଣି ନିଗମ ପାଖରେ ପ୍ରଚୁର କଞ୍ଚାମାଲ ଉପଲବ୍ଧ ଅଛି। ଖଣି ଭିତ୍ତିକ କାର୍ଯ୍ୟକଳାପ ସହିତ ଶିଳ୍ପାୟନ ପ୍ରତି ଦୃଷ୍ଟିଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଦୀର୍ଘ ସାତ ଦଶନ୍ଧିରୁ ଅଧିକ ସମୟ ଧରି ଓଏମ୍‌ସି କେବଳ ଏକ ବ୍ୟବସାୟିକ ସଂସ୍ଥା ଭାବେ ନୁହେଁ, ବରଂ ଓଡିଶାର ଅର୍ଥନୈତିକ ବିକାଶର ଏକ ପ୍ରମୁଖ ସ୍ତମ୍ଭ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ନିଗମ ତାର ଲାଭାଂଶର ଏକ ସିଂହଭାଗ ରାଜ୍ୟ ସରକାରଙ୍କୁ ନିୟମିତ ଭାବେ ପ୍ରଦାନ କରିଆସୁଛି। ରାଜ୍ୟରେ ମୂଲ୍ୟବାନ୍ ଖଣିଜ ସମ୍ପଦକୁ ଦାୟିତ୍ୱପୂର୍ଣ୍ଣ ଭାବରେ ବ୍ୟବହାର କରି ଓଏମ୍‌ସି ଆଜି ରାଜ୍ୟ ଓ ଦେଶର ସମୃଦ୍ଧିରେ ଅତୁଳନୀୟ ଅବଦାନ ରଖୁଛି। କେନ୍ଦୁଝର ଜିଲ୍ଲାର ବାଙ୍ଗୁର କ୍ରୋମାଇଟ୍ ଖଣିରୁ ପ୍ଲାଟିନମ୍ ଗ୍ରୁପ୍ ଏଲିମେଣ୍ଟ ଉତ୍ତୋଳନ କରିବାରେ ଓଏମ୍‌ସି ଏହାର ପାଇଲଟ୍ ପ୍ଲାଣ୍ଟର ସଫଳ ପରୀକ୍ଷଣ କରିଛି। ଏହାଦ୍ୱାରା ଓଡିଶାରେ କ୍ଲିନ୍ ଏନର୍ଜି, ଇଲୋକ୍ଟ୍ରୋନିକ୍ସ ଓ ଆଧୁନିକ ମୋଟର ଗାଡି ନିର୍ମାଣ ପାଇଁ ମୌଳିକ ଧାତୁ ଯୋଗାଇ ଦେବାରେ ଓଏମ୍‌ସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ୨୦୩୬ ସମୃଦ୍ଧ ଓଡିଶା ପରିକଳ୍ପନାକୁ ସାକାର କରିବାରେ ଓଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ପରିବେଶ ସୁରକ୍ଷା, ସୁରକ୍ଷିତ ଖଣି ପରିଚାଳନା ଏବଂ ଖଣି ଅଞ୍ଚଳର ସାମଗ୍ରିକ ବିକାଶ ଦିଗରେ ଓଏମ୍‌ସି ନିରନ୍ତର ଉଦ୍ୟମ ଜାରି ରଖିଛି। ସିଏସଆର୍ ପଦକ୍ଷେପ ମାଧ୍ୟମରେ ଖଣି ଅଞ୍ଚଳ ଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ମହିଳା ସଶକ୍ତିକରଣ, କ୍ରୀଡା, ଭିତ୍ତିଭୂମି ବିକାଶ ଦିଗରେ ଅନେକ କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ଅଞ୍ଚଳରେ ସକରାତ୍ମକ ପରିବର୍ତ୍ତନ ଆଣିଛି। ମେସିନ୍ ସହିତ ସ୍ଥାନୀୟ ବାସିନ୍ଦାଙ୍କୁ ଖଣି କ୍ଷେତ୍ରରେ ଅଧିକ ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଗମକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ସ୍ଥାନୀୟ ବାସିନ୍ଦାଙ୍କର ଜୀବନ ଜୀବିକା ଆହୁରି ସୁଦୃଢ ହେବ ବୋଲି ସେ ମତ ଦେଇଥିଲେ।

## ସିବିଏସଇର ବଡ଼ ନିଷ୍ପତ୍ତି

### ୯ମ ଏବଂ ୧୦ମରେ ୩ଟି ଭାଷା ବାଧ୍ୟତାମୂଳକ

**ନୂଆଦିଲ୍ଲୀ :** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଜୁଲାଇ ୧ରୁ ୯ମ ଏବଂ ୧୦ମ ଶ୍ରେଣୀ ଛାତ୍ରଙ୍କ ପାଇଁ ୩ଟି ଭାଷା ଜାଣିଥିବା ବାଧ୍ୟତାମୂଳକ କରାଯାଇଛି । ଏହି ନୂଆ ନିୟମ ଜୁଲାଇ ୧, ୨୦୨୬ ଶିକ୍ଷାବର୍ଷ ୨୦୨୬-୨୭ରୁ ଆରମ୍ଭ ହେବ । ବୋର୍ଡ ଦ୍ୱାରା ଜାରି ହୋଇଥିବା ସର୍କୁଲାର ଅନୁସାରେ, ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦ ଏବଂ ନ୍ୟାସନାଲ କରିକୁଲମ ଫ୍ରେମୱାର୍କ ୨୦୨୩ ଅଧିନରେ ଏହି ନିଷ୍ପତ୍ତି ନିଆଯାଇଛି । ନୂଆ ଶିକ୍ଷାବର୍ଷ ପାଇଁ ୯ମ ଛାତ୍ର ୩ଟି ଭାଷାରେ ପଢିବା ବାଧ୍ୟତାମୂଳକ । ଏହି ନିୟମରେ ୩ଟି ଭାଷା ମଧ୍ୟରେ ଅତିକମରେ ୨ଟି ଭାଷା ଭାରତୀୟ ହେବା ଜରୁରୀ । ନୂଆ ବ୍ୟବସ୍ଥା ଅନୁସାରେ ତିନୋଟି ଭାଷାରୁ ଅନ୍ୟୁନ ଦୁଇଟି ଭାରତୀୟ ନେଟିଭ ଭାଷା ହେବା ଆବଶ୍ୟକ ରହିବ । ତଥାପି ଦଶମ ବୋର୍ଡ ପରୀକ୍ଷାରେ ତୃତୀୟ ଭାଷା ପରୀକ୍ଷା ଦେବା ବାଧ୍ୟତାମୂଳକ ହେବ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରାଯାଇଛି । ତୃତୀୟ ଭାଷା ଭାବେ ଆଞ୍ଚଳିକ ଭାଷାଗୁଡିକର ତାଲିକାରେ 'ଓଡ଼ିଆ' ସହିତ ମୋଟ ୧୯ଟି ଭାଷାକୁ ସ୍ଥାନ ଦିଆଯାଇଛି । ଯେଉଁ ଛାତ୍ରମାନେ ବିଦେଶୀ ଭାଷା (ଫ୍ରେଞ୍ଚ, ଜର୍ମାନୀ) ଆଦି ପଢିବାକୁ ଚାହୁଁଛନ୍ତି, ସେମାନେ ୩ୟ ଭାଷାକୁ ଚୟନ କରିପାରିବେ । ଛାତ୍ରଛାତ୍ରୀ ଚାହିଁଲେ ୪ର୍ଥ ଭାଷା ମଧ୍ୟ ପଢିପାରିବେ ।

## ରଥଖଳାରେ ୧୪ ନାହାକାର ଚଉପଟ ଆରମ୍ଭ

# ୩୩ ଚକ ଶେଷ ଓ ସିଂହବିରାଳ ଖୋଦେଇରେ ରୂପକାର



**ପୁରୀ:** ବଡଦାଣ୍ଡ ସ୍ଥିତ ରାଜା ନଅର ସମ୍ମୁଖ ରଥଖଳା ଏବେ ଚଳଚଞ୍ଚଳ । ଶନିବାର ୨୬ ତମ ଦିନରେ ଶୁକ୍ରବାର ସୁଦ୍ଧା ତିନି ରଥର ୩୨ ଗୋଟି ଚକ ନିର୍ମାଣ ଶେଷ ହେବାସହ ୧୪ ନାହାକା ଗୁଡ଼ିକର ଚଉପଟ କାର୍ଯ୍ୟ ଆରମ୍ଭ ହୋଇଥିଲା । ଆଜିସୁଦ୍ଧା ତିନିରଥ ର ୩୩ ଗୋଟି ଚକ ନିର୍ମାଣ କାର୍ଯ୍ୟ ଶେଷ ହେବାସହ, ଭୂଇଁ ଚଉତା ବିନ୍ଧ ଅନୁକୂଳ ପୂର୍ବରୁ ଭୂଇଁ ଚଉତା ର ପାଖୁଡ଼ା ବିନ୍ଧ ପାଇଁ ମାପ ଚିହ୍ନ ଗାରିଆ ଶେଷ ହୋଇଛି । ତିନି ରଥର ୪ ନାହାକା ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ତିନିରଥର ଦୁଇଟି ଲେଖାଏଁ ଧମକ ର ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି । ତିନି ରଥର ୪୨ ଗୋଟି ଚକ ମଧ୍ୟରୁ ଆଜି ସୁଦ୍ଧା ତିନି ରଥର ୩୩ ଗୋଟି ଚକର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ତିନି ରଥର ଆଉ ୯ ଗୋଟି ଚକ ନିର୍ମାଣ ପରେ ତିନି ରଥର ମୋଟ ୪୨ ଗୋଟି ଚକ ନିର୍ମାଣ ସମ୍ପୂର୍ଣ୍ଣ ହେବ। ତାଳଧ୍ୱଜ ରଥର ୧୪ ଗୋଟି ଚକ ମଧ୍ୟରୁ ୯ ଗୋଟି ଚକ ନିର୍ମାଣ ଶେଷ ହୋଇଥିଲା ବାକି ୫ ଗୋଟି ଚକର ନିର୍ମାଣ କାର୍ଯ୍ୟ ଜାରୀ ରହିଛି । ଆଜି ତାଳଧ୍ୱଜ ରଥର ମହାରଣା ସେବକ ମାନେ ୧୦ ମ ଏବଂ ୧୧ ତମ ଚକର ତୁମ୍ବ ଅର ସିଙ୍ଗଡା ରେ ପଇ ପିନ୍ଧା ଶେଷ କରି ପଇ କଳଶା ପାଇଁ ପଇରେ ମାପ ଚିହ୍ନ ପକା ଶେଷ କରିଛନ୍ତି । ଏଥିସହ ୧୨ ତମ ୧୩ ତମ ଚକ ର ପଇ ବିନ୍ଧ ଶେଷ ହୋଇ ତୁମ୍ବ ସିଙ୍ଗଡା କଟା ଯାଇ ମୁଖ ସାଲ ଶେଷ ହୋଇଛି । ଦର୍ପଦଳନ ରଥର ୧୦ ଗୋଟି ଚକ ନିର୍ମାଣ ଶେଷ ହୋଇଥିଲା । ୧୧ ତମ ଚକର ତୁମ୍ବ ର ପଇ ପିନ୍ଧା ଶେଷ ହୋଇ ପଇ କଳଶା ଜାରି ରହିଛି । ଏଥି ସହ ଦର୍ପଦଳନ ରଥର ଚଉପଟ ଶେଷ ହୋଇଥିବା ମୁହାଁଟ, ନିରାଡ଼ି ଏବଂ ଭୂଇଁ ଚଉତା ର ବିନ୍ଧ ପାଇଁ ବିନ୍ଧ ମାପ ଚିହ୍ନ ପକା ଶେଷ ହୋଇଛି। ଏଥିସହ ଦର୍ପଦଳନ ରଥର ମହାରଣା ସେବକ ମାନେ ଚାରି ଗୋଟି ଚାରି ନାହାକା ରୁ ୩ ଗୋଟି ନହାକାର ଚଉପଟ କାର୍ଯ୍ୟ ଶେଷ କରି ସେଥିରେ ଆଠ କୋଣୀ ଅଂଶ ମାରା କାର୍ଯ୍ୟ ଜାରି ରଖିଛନ୍ତି। ନନ୍ଦିଘୋଷ ରଥର ୧୬ ଚକ ମଧ୍ୟରୁ ଆଜି ସୁଦ୍ଧା ୧୪ ଗୋଟି ଚକ ନିର୍ମାଣ ଶେଷ ହୋଇଛି । ୧୫ ତମ ଚକର ପଇ ବିନ୍ଧ ଶେଷ ହୋଇ ତୁମ୍ବ ସିଙ୍ଗଡା ର ଅର କଟା ସହ ମୁଖ ସାଲ ଶେଷ ହୋଇଛି। ଏଥିସହ ନନ୍ଦିଘୋଷ ରଥର ଚଉପଟ ଶେଷ ହୋଇଥିବା, ୧୨ ଗୋଟି ଭୂଇଁ ଚଉତା ଚଉପଟ ପରେ ବିନ୍ଧ ପାଇଁ ମାପ ଚିହ୍ନ ପକା ଶେଷ ହୋଇଛି, ଏବଂ ୪ ଗୋଟି ନାହାକା ରୁ ଦୁଇ ଗୋଟି ନାହାକା ର ଚଉପଟ ପରେ ଆଠ କୋଣୀ ଅଂଶ ମାରା କାର୍ଯ୍ୟ ଶେଷ ହୋଇଛି,ବାକି ଦୁଇଟି ନାହାକା ର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଜି ନୂତନ ସେଡ୍ କୁ ସ୍ଥାନାନ୍ତର ହୋଇଛି ବାହାର ରଥଖଳାରେ ଥିବା ତିନିରଥର ସମସ୍ତ ଚକ ଗୁଡିକ । ପ୍ରବଳ ରୌଦ୍ର ତାପରୁ ରଥ ଚକ ଗୁଡିକୁ ସୁରକ୍ଷା ଯୋଗାଇଦେବାକୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଆଜି ସନ୍ଧ୍ୟା ପୂର୍ବରୁ ତିନିରଥର ଭୋଇ ସେବକ ମାନେ ପୋଲିସ ସୁରକ୍ଷା ମଧ୍ୟରେ ୨୭ ଗୋଟି ଚକକୁ ଗଡ଼ାଇ ଆଣି ନୂତନ ସେଡ ରେ ସୁରକ୍ଷିତ ଭାବେ ରଖିଛନ୍ତି । ତିନି ରଥର ରୂପକାର ମାନେ କୋଣ ଗୁଜ ବା ସାଲ ଗୁଜ ରେ ସିଂହ ବିରାଳ ରୂପ ଖୋଦେଇ ଜାରୀ ରଖିବା ସହ ରୂପ ଖୋଦେଇ ଶେଷ ହୋଇଥିବା ରୂପ ଗୁଡ଼ିକର ପଲିସ ସହ ରୂପରେ ଅଳଙ୍କାର ପକା କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନି ରଥର ଘଡି ମୁହଁ ଦଣ୍ଡା କଣ୍ଟା, ଦଣ୍ଡା ବିଡିଆ ଅଗ ପାତେଳି କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି।

# ଆଜି ଓଡ଼ିଶା ଆସିବେ ବିଜେପିର ରାଷ୍ଟ୍ରୀୟ ସଭାପତି ନୀତିନ ନବିନ

## ସାଂଗଠନିକ କାର୍ଯ୍ୟକ୍ରମରେ ଯୋଗ ଦେବେ




**ଭୁବନେଶ୍ୱର:** ଆଜି ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ବିଜେପିର ରାଷ୍ଟ୍ରୀୟ ସଭାପତି ନୀତିନ ନବିନ । ବିଜେପିର ନବନିଯୁକ୍ତ ରାଷ୍ଟ୍ରୀୟ ସଭାପତି ନୀତିନ ନବିନ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଦଳର ସର୍ବୋଚ୍ଚ ପଦବୀ ଗ୍ରହଣ କରିବା ପରେ ଏହା ହେଉଛି ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ । ଏହି ଗସ୍ତକୁ ନେଇ ରାଜ୍ୟ ବିଜେପି ଶିବିରରେ ବେଶ୍ ଉତ୍ସାହ ପ୍ରକାଶ ପାଇଛି । ରାଷ୍ଟ୍ରୀୟ ସଭାପତି ଆସନ୍ତାକାଲି ରାତି ୧୦ଟା ୩୦ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ । ନୂତନ ସଭାପତିଙ୍କୁ ସ୍ୱାଗତ କରିବା ପାଇଁ ରାଜ୍ୟ ବିଜେପି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ବିମାନବନ୍ଦରରେ ତାଙ୍କୁ ଏକ ବଡ଼ ଧରଣର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ ବୋଲି ଆଜି ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦିଆଯାଇଛି । ୧୮ ତାରିଖରେ ଶ୍ରୀ ନବିନଙ୍କର ଅନେକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ କାର୍ଯ୍ୟକ୍ରମ ରହିଛି ।ଜଟଣୀଠାରେ ଆୟୋଜିତ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ପ୍ରଶିକ୍ଷଣ ଶିବିରକୁ ସେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ । ଏହା ପରେ ସେ ପୁରୀ ଗସ୍ତ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିବେ । ପୁରୀରୁ ଫେରିବା ପରେ ଭୁବନେଶ୍ୱରଠାରେ ବିଜେପି କୋର୍ କମିଟି, ରାଜ୍ୟ ପଦାଧିକାରୀ, ବିଭିନ୍ନ ମୋର୍ଚ୍ଚାର କର୍ମକର୍ତ୍ତା ଏବଂ ଦଳର ମନ୍ତ୍ରୀମାନଙ୍କ ସହ ସେ ବିସ୍ତୃତ ଆଲୋଚନା କରିବେ।

## ଆଶ୍ୱାସନା ସତ୍ତ୍ୱେ ବି ସରୁନି ପେଟ୍ରୋଲ ଡିଜେଲ ଯନ୍ତ୍ରଣା

# ତେଲ ପାଇଁ ଘଣ୍ଟା ଘଣ୍ଟା ସଂଘର୍ଷ ଜାରି

- ଯୋଗାଣମନ୍ତ୍ରୀଙ୍କ ଘରେ ବସିଲା ସମୀକ୍ଷା ବୈଠକ
- ସୋମବାର ସୁଦ୍ଧା ସ୍ଥିତିରେ ଆସିବ ସୁଧାର



**ଭୁବନେଶ୍ୱର:** ଶନିବାର ବି ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଛି ପେଟ୍ରୋଲ, ଡିଜେଲ ପାଇଁ ଲୋକଙ୍କ ସଂଘର୍ଷର ଦୃଶ୍ୟ । ରାତି ପାହିଲାବେଳକୁ ପେଟ୍ରୋଲ ପମ୍ପରେ ଭିଡ଼ ଲଗାଇଥିଲେ ଲୋକେ । ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ରହି ଗାଡ଼ିରେ ତେଲ ପକାଇଥିଲେ । ଅନ୍ୟପଟେ ଆଜି ପୁଣି ଯୋଗାଣ ମନ୍ତ୍ରୀ ପୁଣି ବୈଠକ କରିଛନ୍ତି । ରାଜ୍ୟରେ ତେଲ ଅଭାବ ନାହିଁ ବୋଲି ଦୋହରାଇଛନ୍ତି ତୈଳ କମ୍ପାନି ଅଧିକାରୀ । ସରକାର, ମନ୍ତ୍ରୀ, ବିଭାଗ ଓ ତୈଳ ଯୋଗାଣକାରୀ କମ୍ପାନି କହୁଛନ୍ତି, ରାଜ୍ୟରେ ପେଟ୍ରୋଲ ଓ ଡିଜେଲର ଅଭାବ ନାହିଁ । ପର୍ଯ୍ୟାପ୍ତ ପରିମାଣର ତେଲ ମହଜୁଦ ଅଛି । ପେଟ୍ରୋଲ ଟାଙ୍କିରେ ଭିଡ ନ ଲଗାଇବାକୁ ଅପିଲ କରୁଛନ୍ତି । ହେଲେ ଏମାନଙ୍କ କଥାକୁ ଭରସି ପାରୁନାହାନ୍ତି ଲୋକେ । ଯେଉଁଥିପାଇଁ ଗତ ୩ ଦିନ ଭଳି ଆଜି ବି ରାଜ୍ୟର ବିଭିନ୍ନ ପେଟ୍ରୋଲ ପମ୍ପର ଅବସ୍ଥା ଏମିତି । ପମ୍ପ ଖୋଲିବା ଆଗରୁ ସବୁଠି ଲାଗିଥିଲା ଲମ୍ବା ଧାଡ଼ି । ବାଇକ୍, କାର, ଅଟୋ ଏମିତି ୫ରୁ ୧୦ ପର୍ଯ୍ୟନ୍ତ ଅଲଗା ଅଲଗା ଧାଡ଼ି ଲାଗିଥିଲା । ଖରାରେ ଘଣ୍ଟା ଘଣ୍ଟା ଛିଡା ହୋଇ ତେଲ ପକାଇଥିଲେ ଗାଡି ଚାଳକ । ଦିନ ତମାମ ରାଜ୍ୟର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥିଲା ତେଲ ପାଇଁ ସଂଘର୍ଷର ଏମିତି ଦୃଶ୍ୟ । ପେଟ୍ରୋଲ ପମ୍ପରେ ଲୋକଙ୍କ ଭିଡ ଓ ପର୍ଯ୍ୟାପ୍ତ ତେଲ ଥିବା ନେଇ ସରକାରଙ୍କ ଦାବି ଭିତରେ ଗ୍ରାଉଣ୍ଡଜିରୋରେ କାରଣ ଖୋଜିଥିଲା କନକ ନ୍ୟୁଜ୍ ଟିମ୍ । ଜଣାପଡିଥିଲା, ରାଜ୍ୟର ପ୍ରାୟ ୧୨୦ରୁ ଅଧିକ ପେଟ୍ରୋଲ ପମ୍ପ ବନ୍ଦ ରହିଛି । କିନ୍ତୁ ସରକାରଙ୍କ ତଥ୍ୟ ଅନୁସାରେ, ରାଜ୍ୟର ୨୮୦୦ ପମ୍ପରୁ ମାତ୍ର ୬୦ଟି ପମ୍ପ ବନ୍ଦ ରହିଥିଲା । ଖୋଲିଥିବା ବହୁ ପମ୍ପରେ କଟକଣା ଭିତରେ ତେଲ ଦିଆଯାଉଛି । ନର୍ମାଲ ପେଟ୍ରୋଲ ବଦଳରେ ସ୍ପିଡ୍ ପେଟ୍ରୋଲ ବିକ୍ରି କରାଯାଉଛି । ଦକ୍ଷିଣ ଓଡ଼ିଶାର ଅନେକ ଟାଙ୍କିରେ ଡିଜେଲ ମିଳୁନି । ଯାହାକୁ ନେଇ ଲୋକେ ଭୟଭୀତ ହୋଇ ଯେଉଁଠି ତେଲ ମିଳୁଛି ସେଠି ଭିଡ଼ ଲଗାଉଛନ୍ତି । ସେହିପରି ଉତ୍କଳ ପେଟ୍ରୋଲିୟମ ଡିଲର୍ସ ସଂଘର ସମ୍ପାଦକ ସଞ୍ଜୟ ଲାଠ୍ କହିଛନ୍ତି ଯେ ଲୋକଙ୍କ ଦ୍ୱାରା ଲୋକେ ଅତ୍ୟଧିକ ପରିମାଣରେ ଆତଙ୍କିତ ହୋଇ ଗାଡ଼ିର ଟାଙ୍କି ଫୁଲ୍ କରି ତେଲ କିଣୁଥିବା ଯୋଗୁ ସମସ୍ୟା ଉପୁଜିଛି। ତା'ଛଡ଼ା ସପ୍ଲାଇ ଚେନ୍ ବା ଯୋଗାଣ ପ୍ରକ୍ରିୟାରେ କିଛିଟା ବିଳମ୍ବ ହେବା କାରଣରୁ ହିଁ ଏହି ସାମୟିକ ସଙ୍କଟ ସୃଷ୍ଟି ହୋଇଛି।

# ରାତି ନ ପାହୁଣୁ ପେଟ୍ରୋଲ ପମ୍ପରେ ଲମ୍ବା ଲାଇନ୍

## ଭିଡ଼ ନିୟନ୍ତ୍ରଣ କରିବାକୁ ଯାଇ ନାକେଦମ୍ କର୍ମଚାରୀ

**ରାଉରକେଲା:** ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ରାଜ୍ୟରେ ଦେଖାଦେଇଥିବା ତୈଳ ସଙ୍କଟ ପ୍ରତିକୂଳ ପ୍ରଭାବ ସାରା ପ୍ରଭାବ ଜାରି ରହିଛି । ତେଲ ମିଳିବିନି ବୋଲି ଗୁଜବ ପ୍ରଚାର ହେବା ପରେ ଗ୍ରାହକ ଛାନିଆ ହୋଇପଡ଼ିଛନ୍ତି । ଗାଡ଼ି ଟାଙ୍କି ଭର୍ତ୍ତି କରିବାକୁ ଲମ୍ବା ଧାଡ଼ି ଲଗାଉଛନ୍ତି । ଏହାକୁ ନେଇ ଅଧିକାଂଶ ପେଟ୍ରୋଲ ପମ୍ପରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଛି । ଗ୍ରାହକଙ୍କୁ ବୁଝାଇସୁଝାଇ ତେଲ ପକାଇବାକୁ ଯାଇ ନାକେଦମ୍ ହେଉଛନ୍ତି କର୍ମଚାରୀ । ଅନେକ ସ୍ଥାନରେ ଯୁକ୍ତିତର୍କ ଭଳି ସ୍ଥିତି ଉପୁଜୁଛି । ତେଲ ସଙ୍କଟ ସମୟରେ ରାଉରକେଲାର ବିଭିନ୍ନ ପେଟ୍ରୋଲ ପମ୍ପରୁ ଶୁକ୍ରବାର ଏମିତି ଚିତ୍ର ସାମ୍ନାକୁ ଆସିଛି । ଜଗଦାରେ ଥିବା ଫିଲିଂ ଷ୍ଟେସନ୍ ସମ୍ମୁଖରେ ଭୋର ୪ଟାରୁ ଗାଡ଼ି ଧରି ଲୋକେ ଲଗାଇଥିଲେ ଲମ୍ବା ଲାଇନ୍ ।ସକାଳ ୬ଟାରେ ପେଟ୍ରୋଲ ପମ୍ପ୍ ଖୋଲିବା କ୍ଷଣି ତେଲ ନେବାକୁ ମାଡ଼ି ଯାଇଥିଲେ ଲୋକେ । ପେଟ୍ରୋଲ ପମ୍ପରୁ ସାରନା ଛକ ଏବଂ ଆରଆଇ ଅଫିସ୍ ପର୍ଯ୍ୟନ୍ତ ଗାଡ଼ିର ଧାଡ଼ି ଲମ୍ବିଥିବା ଦେଖିବାକୁ ମିଳିଥିଲା । ଫଳରେ ଭୟଙ୍କର ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା । ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ୍ କର୍ମଚାରୀ ମୁତୟନ ନ ଥିଲେ । ଫଳରେ ପିସିଆର ଭ୍ୟାନ୍ କର୍ମଚାରୀ ଝାଳନାଳ ହୋଇଥିଲେ । କେଇ ଘଣ୍ଟା ମଧ୍ୟରେ ଗାଡ଼ି ଚାଳକ ୧୨ ହଜାର ଲିଟର ପେଟ୍ରୋଲ ବୋହି ନେଇଥିଲେ । ଧାଡ଼ିର ଶେଷରେ ଥିବା ଲୋକେ ଘଣ୍ଟା ଘଣ୍ଟା ଅପେକ୍ଷା କରିଥିଲେ ହେଁ ସେମାନଙ୍କୁ ଖାଲି ହାତରେ ଫେରିବାକୁ ପଡ଼ିଥିଲା । ଶୁକ୍ରବାର ରାତି ସୁଦ୍ଧା ଝାରସୁଗୁଡ଼ା ଆଇଓସିଏଲ ଡିପୋରୁ ଟ୍ୟାଙ୍କର ଆସି ପହଞ୍ଚିବ । ଶନିବାର ସ୍ଥିତି ସ୍ୱାଭାବିକ ହୋଇଯିବ ବୋଲି ଫିଲିଂ ଷ୍ଟେସନ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ସେହିପରି ସେକ୍ଟର-୨, କୋଣାର୍କ ସିନେମା ହଲ୍ ନିକଟସ୍ଥ ପେଟ୍ରୋଲ ପମ୍ପ, ସେକ୍ଟର-୧୯ ଓ ବେଦବ୍ୟାସରେ ଥିବା ପମ୍ପଗୁଡ଼ିକ ତେଲ ନ ଥିବାରୁ ବନ୍ଦ ହୋଇଯାଇଛି । କାଳେ ତେଲ ଆସିବ, ସେହି ଆଶାରେ ଲୋକେ ପମ୍ପଗୁଡ଼ିକ ସମ୍ମୁଖରେ ଅପେକ୍ଷା କରି ରହୁଛନ୍ତି । ସେକ୍ଟର-୭/୧୭ ଛକ, ଛେଣ୍ଡ ଓ ବିର୍ସା ମୁଣ୍ଡା ଛକ ଠାରେ ଥିବା ଫିଲିଂ ଷ୍ଟେସନରେ ଅନୁରୂପ ଦୃଶ୍ୟ ଦେଖିବାକୁ ମିଳିଛି । ତେଲ ନେବାକୁ ସବୁଠି ପ୍ରତିଯୋଗିତା ହୋଇଛି । ଛେଣ୍ଡସ୍ଥିତ ପେଟ୍ରୋଲ ପମ୍ପରେ ତେଲ ସରିଯାଇଥିଲା । ମଧ୍ୟାହ୍ନ ୧୨ଟାରେ ତୈଳ ଟ୍ୟାଙ୍କର ଆସିଥିଲା । ଟ୍ୟାଙ୍କରରୁ ତେଲ ଅନ୍‌ଲୋଡ୍ ହେବା ପୂର୍ବରୁ ଟାଙ୍କି ସମ୍ମୁଖରେ ଲୋକେ ଲାଇନ୍ ଲଗାଇ ଠିଆ ହୋଇ ରହିଥିଲେ । ରାଉରକେଲାରେ ଥିବା ୨୩ଟି ପେଟ୍ରୋଲ ପମ୍ପ ମଧ୍ୟରୁ ୪ଟିରେ ଆଦୌ ତେଲ ନ ଥିବା ବେଳେ ଗୋଟିଏରେ କେବଳ ଡିଜେଲ ରହିଛି ।

## ସମ୍ପାଦକୀୟ

# ଏକାସାଙ୍ଗରେ ଏକାଧିକ

ସାରା ବିଶ୍ୱର ନଜର ଏବେ ମଧ୍ୟପ୍ରାଚ୍ୟରେ କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ସେମିତି କିଛି ନାହିଁ କିମ୍ବା ସେମିତି କିଛି ଖାସ୍ ବିଷୟ ଅବା ବିଶେଷ ବିଷୟ ନାହିଁ ଯାହା ଉପରେ ଫୋକସ୍ କରାଯାଇପାରେ। ଯଦି କଥା ଏମିତି ତେବେ ସାରା ବିଶ୍ୱର ପୂରା ନଜର ମଧ୍ୟପ୍ରଚ୍ୟ ଉପରେ ଆସି ଟିକି ରହିବା ପଛରେ କି କାରଣ ଥାଇପାରେ ? କାରଣ ତ ରହିଛି ନିଶ୍ଚୟ। ତାହା ବି ଏମିତି ସେମିତି କିଛି କାରଣ ନୁହେଁ ; ଅତି ଗୁରୁତ୍ୱପୂର୍ଣ୍ଣ କାରଣ କିନ୍ତୁ ମହତ୍ତ୍ୱପୂର୍ଣ୍ଣ କାରଣ ନୁହେଁ। ଏଠରେ କିଛି ସଂଶୟ ଉପୁଜିପାରେ ; ଯାହା ଗୁରୁତ୍ୱପୂର୍ଣ୍ଣ , ତାହା କି ମହତ୍ତ୍ୱପୂର୍ଣ୍ଣ ହୋଇପାରେ। କେବେ ବି ନୁହେଁ। କିଛି ନା କିଛି କାରଣରୁ କୌଣସି କଥାର ଗୁରୁତ୍ୱ ବଢ଼ିଯାଇପାରେ, କୌଣସି କାର୍ଯ୍ୟର ବିଶେଷତ୍ୱ ବଢ଼ିଯାଇପାରେ। ଯାହା ତର୍ଜ୍ଜମା ସାପେକ୍ଷ, ଯାହା ବିଚାର ସାପେକ୍ଷ। ହେଲେ କୌଣସି ବି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୁଏତ ମହତ୍ତ୍ୱପୂର୍ଣ୍ଣ ହୋଇପାରେ ଅବା ନ ନ ହୋଇପାରେ; ତାହା ପଛରେ ବି ରହିଛି କିଛି ନା କିଛି ଏଥିକ୍ସ ଅବା ତର୍କ। ଆମର କୌଣସି ତର୍କ ଭିତରକୁ ଯିବାର ନାହିଁ କାରଣ ତର୍କ ପରେ ବିତର୍କ ଏବଂ ପରେ ବିଭ୍ରାଟ ! ଏଣୁ କୌଣସି ବି ସମସ୍ୟାକୁ ବେଶି ଆଗକୁ ନ ବଢ଼ାଇ ଆମେ ସେ ସବୁର ସରଳୀକରଣ କରିବା ଦରକାର ନଚେତ ସମସ୍ୟା ଆଗାମୀ ସମୟରେ କେବଳ ବଢ଼ି ବଢ଼ି ଚାଲିବ। ଯାହାର ପରିଣାମ କେବଳ ଗମ୍ଭୀର ହୋଇପରେ। ଏଇ ଯେମିତି ମଧ୍ୟପ୍ରାଚ୍ୟ ଯୁଦ୍ଧ ସମସ୍ୟା। ମଧ୍ୟପ୍ରାଚ୍ୟ ଯୁଦ୍ଧ ବିଷୟରେ ପୂର୍ବରୁ ଆମେ ଯେମିତି ଆଲୋକପାତ କରିଛୁ, ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହୋଇପାରେ କିନ୍ତୁ କେବେ ବି ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା ହୋଇନପାରେ। ଯୁଦ୍ଧ ସର୍ବଦା ଅଶାନ୍ତିର ପ୍ରତୀକ ଏବଂ ଏକ ଅଶାନ୍ତିର ପ୍ରତୀକ କେବେ ବି ନା ହୋଇପାରେ ମହତ୍ତ୍ୱପୂର୍ଣ୍ଣ ନା ହୋଇପାରେ ଗୁରୁତ୍ୱପୂର୍ଣ୍ଣ। ତଥାପି ଏହି ଯୁଦ୍ଧର ଗୁରୁତ୍ୱ ରହିଛି ଯେହେତୁ ଇରାନ୍ ଭଳି ମଧ୍ୟପ୍ରାଚ୍ୟରେ ଅବସ୍ଥିତ ଏକ ଏସିଆନ ଦେଶ ସହିତ ବିଶ୍ୱର ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ରାଷ୍ଟ୍ର ଆମେରିକା ଏବେ ଭିଡ଼ିଯାଇଛି, ଏବେ ଲଢ଼ିଯାଇଛି ଯାହା ପଛରେ ମୁଖ୍ୟ କାରଣ ହେଉଛି ଇରାନ୍-ଇସ୍ରାଏଲ୍ ଫାଇଟ୍। ଏହି ଉଭୟ ଦେଶ ମଧ୍ୟରେ ଶତ୍ରୁତା ବହୁ ପୂର୍ବର। ଯାହା କି ଏବେ ପରିଣତ ହୋଇଛି କଟ୍ଟର ଦୁଶ୍ମନୀରେ। ଏଭଳି ଦୁଶମନୀ ବିଶ୍ୱରେ ବହୁତ କମ୍ ଦେଖିବାକୁ ମିଳେ। ତେବେ ବିଶେଷ କଥା ହେଉଛି ଆମେରିକାର ସେଥିରେ ହସ୍ତକ୍ଷେପ। ନ କରିବ ବା କେମିତି ? ଇସ୍ରାଏଲ୍ ଭଳି ଗୋଟାଏ ଛୋଟିଆ ଦେଶ ଯାହାକୁ ଧ୍ୱଂସ କରିବାକୁ ବେଶି ସମୟ ଲାଗିବ ନାହିଁ ଇରାନକୁ । ସେଣୁ ଆମେରିକା ତା'ର ଜାତିଭାଇ ଇସ୍ରାଏଲ୍ ଯେ କି କେବଳ ତା'ର କଥାରେ ଉଠବସ୍ ହେଉଛି, ତା'ରି ଇସାରାରେ ଚାଲୁଛି,ସେଣୁ ଇସ୍ରାଏଲକୁ ସବୁ ପ୍ରକାର ସହାୟତାର ହାତ ବଢ଼ାଇବାକୁ ଆମେରିକା ସବୁବେଳେ ଆଗଭର ହୋଇଛି ଏବଂ ଆଗକୁ ମଧ୍ୟ ସେହିଭଳି ସାହାଯ୍ୟ ସହଯୋଗ ପାଇଁ ସବୁବେଳେ ସଦା ପ୍ରସ୍ତୁତ ହୋଇ ରହିଥିବ ଆମେରିକା ଯାହା ପଛରେ ଇସ୍ରାଏଲୀବାଲାଙ୍କ୍ ରହିଛି ଆତ୍ମସମର୍ପଣ ମନୋଭାବ ହେଲେ ଇରାନ୍ ର କିନ୍ତୁ ସେ ପ୍ରକାର ମନୋଭାବ ନାହିଁ। ଇରାନ୍ କିନ୍ତୁ ଏକ କଟ୍ଟରବାଦୀ ଇସ୍ଲାମିକ୍ ଦେଶ ଯେ କି ନିଜର ଆତ୍ମରକ୍ଷା ପାଇଁ , ନିଜର ସ୍ୱାଭିମାନ ରକ୍ଷା ପାଇଁ କିଛି ବି ପଦକ୍ଷେପ ନେଇପାରେ। ସେଥିପାଇଁ ସାମ୍ନାରେ ଯେ ବି ଥାଉ, ସେ ଆମେରିକା ହେଉ କି ବ୍ରିଟେନ୍ ; କାହାକୁ ବି ଖାତିର ନାହିଁ କି କାହାକୁ ବି ପରୱା ନାହିଁ। ଫେବୃଆରୀ ୨୮ ତାରିଖରୁ ଆରମ୍ଭ ହୋଇଥିବା ଇରାନ୍-ଆମେରିକା ଯୁଦ୍ଧ ଏବେ ବି ସେମିତି ଗଡ଼ି ଚାଲିଛି । ଯୁଦ୍ଧ ବନ୍ଦ ହେବାର ସେମିତି କୌଣସି ବିଶେଷ ଲକ୍ଷଣ ଦେଖାଯାଉନି। କାରଣ ଆମେରିକାର ଦୋମୁହାଁ କଥା, ଆମେରିକାର ଦୋମୁହାଁ ନୀତି ଯେଉଁଥିପାଇଁ ସମସ୍ୟା ସମାଧାନ ହେବା ପରିବର୍ତ୍ତେ ଧୀରେ ଧୀରେ ଜଟିଳ ହେବାରେ ଲାଗିଛି। ହବନି କେମିତି ? କେବଳ ଆମେରିକାର ଦୋମୁହାଁ ନୀତି । ସକାଳେ ଅସ୍ତ୍ରବିରତି ଏବଂ ସନ୍ଧ୍ୟାରେ ଅସ୍ତ୍ର ଧରନ୍ତି ମାନେ ମାରପିଟ୍। ଏକାସାଙ୍ଗରେ ଦୁଇଟା କଥା, ଗୋଟାଏ ପଜିଟିଭ୍ ତ ଆରଟା ନେଗେଟିଭ୍। ଆମେରିକାର ଏପରି ଦୋମୁହାଁ କଥାକୁ ଏବେ ସିଧା ସିଧା ବିରୋଧ କରିଛନ୍ତି ଇରାନୀ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ । ଇନ୍‌ଷ୍ଟାଗ୍ରାମ୍‌ରେ ଅତି ସ୍ପଷ୍ଟ ବାର୍ତ୍ତା ଦେଇ ଗାଲିବାଫ ଆମେରିକାକୁ ଚେତେଇ ଦେଇଛନ୍ତି ଯେ ଆମେରିକାର ଏକାସାଙ୍ଗରେ ଧମକ ଏବଂ ପରେ ଆଲୋଚନା କେବେ ବି ଫଳପ୍ରଦ ହେବନି। ଏହାଦ୍ୱାରା ପାକିସ୍ତାନ୍‌ରେ ଶାନ୍ତି ଆଲୋଚନା ଟେବୁଲକୁ ଆମେରିକା ଏକ ଆତ୍ମସମର୍ପଣ ଟେବୁଲ୍ ରେ ପରିଣତ କରିବାକୁ ଚାହୁଁଛି। ଯାହା କି କେବେ ସମ୍ଭବ ନୁହେଁ। ଇରାନ୍ କାହାରି ଧମକର ଛାୟା ତଳେ ଶାନ୍ତି ଆଲେଚନାକୁ ଗ୍ରହଣ କରିନପାରେ। ଇରାନ୍ ର ବୈଦେଶିକ ମନ୍ତ୍ରୀ ଆବାସ୍ ଆରାଘଚି ଆମେରିକାର କ୍ରମାଗତ ଅସ୍ତ୍ରବିରତି ଉଲ୍ଲଂଘନ କୂଟନୈତିକ ପ୍ରକ୍ରିୟାରେ ସବୁଠାରୁ ବଡ଼ ବାଧକ ବୋଲି ତାଙ୍କ ବାର୍ତ୍ତାରେ ସ୍ପଷ୍ଟ କରିଛନ୍ତି। ଏଣୁ ପାକିସ୍ତାନ୍‌ରେ ଶାନ୍ତି ଆଲୋଚନାର ସଫଳତା ଆଶା ଏବେ ଆଶଙ୍କା ଭିତରକୁ ଠେଲି ହୋଇଯାଉଛି। ସେଥିପାଇଁ ପାକିସ୍ତାନ୍‌ରେ ହେବାକୁ ଯାଉଥିବା ଦ୍ୱିତୀୟ ରାଉଣ୍ଡ ଆଲୋଚନାରେ ଇରାନର ଅଂଶଗ୍ରହଣ ନେଇ ଦେଖାଦେଇଛି ଅନିଶ୍ଚିତତା ଯାହା ପଛରେ ହର୍ମୁଜ୍ ଅବରୋଧ ହେଉଛି ମୁଖ୍ୟ ପ୍ରତିବନ୍ଧକ ।

## ବାଘରାଜା

ବେଶ୍ ଭଲରେ ଚରି ପୁଣି ଭଲରେ ଫେରିଆସେ ଗାଈଟି ତା'ର ଘରକୁ। ଭଲରେ ଯେମିତି ଯାଏ, ପୁଣି ଭଲରେ ସେମିତି ଫେରିଆସେ ତା'ର ଘରକୁ । ସବୁ ତ ଠିକ୍ ଠାକ୍ ଚାଲେ। ହେଲେ ଦିନେ କିନ୍ତୁ ଗୋଟାଏ ଭୁଲ୍ ହୋଇଗଲା। ଘାସ ପଡ଼ିଆରେ ବୁଲୁ ବୁଲୁ କେତେବେଳେ ଯେ ସେ ତା'ର ଅଜାଣତରେ ଜଙ୍ଗଲର ଟିକିଏ ଭିତରକୁ ପଶିଯାଇଥିଲା, ସେ ନିଜେ ବି ସେମିତି କିଛି ଜାଣିପାରିନି। ଜଙ୍ଗଲର ବେଶି ଭିତରକୁ ପଶିଯିବା ଦ୍ୱାରା ତା'ର ହଠାତ୍ ଜଙ୍ଗଲ ରାଜା ବାଘ ସହିତ ସହିତ ତା'ର ସାମ୍ନା ହୋଇଗଲା। କ'ଣ କରିବ ଏବଂ ନ କରିବ , କିଛି ବି ବୁଝିପାରିଲାନି ସେ । ଭାବିଲା ଆଜି ଜୀବନ ଗଲା। ସିଂହ ବି ଏବେ ନନ୍ଦାକୁ ଖାଇବା ପାଇଁ ଆଗେଇ ଆସିଲା। ନନ୍ଦା ଅତି ଭୟଭୀତ ହୋଇ ବାଘ ଆଗରେ କାକୁତି ମିନତି ହୋଇ ନେହୁରା ହୋଇ କହିଲା , ମୋତେ ଦୟାକରି ଛାଡ଼ିଦିଅ। ମୁ ଘରକୁ ଫେରିଯିବି । ହେଲେ ବାଘ କିନ୍ତୁ ଶୁଣିବାକୁ ନାରାଜ୍ । ଏଣୁ ତା' ପାଖରେ ନନ୍ଦା ତା'ର ଛୋଟ ଛୁଆକୁ କ୍ଷୀର ଦେବା କଥା କହି ନେହୁରା ହେବା ପରେ ସିଂହର ମନ ବି ଟିକେ ତରଳିଗଲା। ସେ ଅନ୍ତତଃ କିଛି ସମୟ ପାଇଁ ନନ୍ଦା କଥାରେ ରାଜି ହୋଇ ତାକୁ ଛାଡ଼ିଦେଲା ତା'ର ବାଟରେ କିନ୍ତୁ ଗୋଟାଏ ସର୍ତ୍ତରେ । ନନ୍ଦା ତା'ର ବାଛୁରୀ ଛୁଆକୁ କ୍ଷୀରପିଆଇ ପୁଣି ଥରେ ଫେରି ଆସିବ ତା'ର ପାଖକୁ। ନନ୍ଦା ବି ଅତି ସହଜରେ ରାଜି ହୋଇଗଲା ରାଜା କଥାରେ କିନ୍ତୁ ସେ ବି ତାକୁ ଗଲାବେଳେ ତାଗିଦ କରି କହିଲା ଯେ ସେ ତା'ର ଛୁଆକୁ କ୍ଷୀର ପିଆଇ ତୁରନ୍ତ ତା' ପାଖକୁ ଫେରି ଆସିବ ନଚେତ ସେ ଉଭୟ ମା' ଛୁଆଙ୍କୁ ମାରିଦେବ । ନନ୍ଦା ତା' କଥାରେ ହିଁ ଭରି ତୁରନ୍ତ ଦୌଡ଼ି ପଳାଇଲା ସେଠାରୁ । କିଛି ସମୟ ଭିତରେ ସେ ତା'ର ଛୁଆ ପାଖରେ ପହଞ୍ଚି ତା'ର ଛୁଆକୁ କ୍ଷୀର ପିଆଇବା ବେଳେ ତାକୁ ଭଲକରି କ୍ଷୀର ପିଇବା ପାଇଁ କହିଲା। ମା' କହିଲା କି ଭଲକରି କ୍ଷୀର ପିଇଦେ । ପେଟ ପୂରାଇ କ୍ଷୀର ପିଇଦେ। ଆଜି ତୋ'ର ଶେଷଦିନ। ପରେ ସେ ତାକୁ ଜଙ୍ଗଲର ସେହି କଥା କହି ମନ ଦୁଃଖରେ ସେଠାରୁ ଫେରିବା ସମୟରେ ତା'ର ଛୁଆ ବି ତା'ର ସହିତ ଯିବା ପାଇଁ ଜିଦ୍ କରି ମା' ସହିତ ଗଲା। ଚଭୟ ମା' ଛୁଆ ଯାଇ ପହଞ୍ଚିଲେ ବାଘ ପାଖରେ। ବାଘ ତ ପ୍ରଥମେ ନିଜକୁ ବିଶ୍ୱାସ କରିପାରିଲା ନାହିଁ। ପରେ ନନ୍ଦାର ବଚନବଦ୍ଧତା ରେ ସନ୍ତୁଷ୍ଟ ହୋଇ ବାଘ ରାଜା ନନ୍ଦା ଉପରେ ସନ୍ତୁଷ୍ଟ ହୋଇ ତାକୁ ଛାଡ଼ିଦେଲା। ଉଭୟ ମା' ଛୁଆ ଖୁସି ମନରେ ତାଙ୍କ ଘରକୁ ଫେରି ଆସିଲେ ଏବଂ ପରେ ଘରେ ପହଞ୍ଚି ସେମାନେ ବାଘ ରାଜାର ପ୍ରଶଂସା କଲେ।

# ମେଧାବୀ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା

### ସୌଭାଗ୍ୟ ରଂଜନ ମହାନ୍ତି

କୁରୁକ୍ଷେତ୍ରସ୍ଥିତ 'ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି'(ଏନଆଇଟି)ରେ ଗଲା ଦୁଇମାସ ମଧ୍ୟରେ ୪ଜଣ ମେଧାବୀ ଛାତ୍ରଙ୍କ ଆତ୍ମହତ୍ୟା ଘଟଣା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିଥିବାବେଳେ ଦେଶର ଏକାଡେମିକ୍ ସର୍କଲରେ ଦୁଃଖର ଲହରୀ ଖେଳାଇ ଦେଇଛି । ଏହି ଦୁଃଖଦ ଘଟଣା ନେଇ ଏନଆଇଟି କର୍ତୃପକ୍ଷ ଏକ ପାଂଚ ଜଣିଆ ତଦନ୍ତ କମିଟି ଗଠନ କରିଥିବାବେଳେ ରାଜ୍ୟସଭା ସଦସ୍ୟ ଜନ ବ୍ରିଟାସ୍ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ତୁରନ୍ତ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି। କେବଳ ଏତିକି ନୁହେଁ, ଏନଆଇଟି କର୍ତୃପକ୍ଷ ମଧ୍ୟ ପ୍ରତିଷ୍ଠାନରେ ଛାତ୍ରଛାତ୍ରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଆଉ ଏକ ସ୍ୱତନ୍ତ୍ର ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଅନ୍ୟପକ୍ଷରେ ଦୁଇମାସ ମଧ୍ୟରେ ବିଭିନ୍ନ କାରଣରୁ ୪ଜଣ ମେଧାବୀଙ୍କ ଆତ୍ମହତ୍ୟା ଯୋଗୁଁ ସୃଷ୍ଟି ହୋଇଥିବା ଉତେଜନା ପରିସ୍ଥିତି ପ୍ରଶମିତ ପାଇଁ ଛାତ୍ରଛାତ୍ରୀଙ୍କୁ ସାମୟିକ ହଷ୍ଟେଲ ଛାଡି ଥିଲେ ମଧ୍ୟ ତାହା ସମସ୍ୟାର ସମାଧାନରେ ସହାୟକ ହୋଇପାରିବ ନାହିଁ। କ୍ୟାମ୍ପସ୍ ମଧ୍ୟରେ ଉତେଜନା ଛାତ୍ରଛାତ୍ରୀ ଏବଂ ଏନଆଇଟି କର୍ତୃପକ୍ଷ ମଧ୍ୟରେ ଯୋଗଯୋଗ ବା ସମନ୍ୱୟର ଅଭାବକୁ ପ୍ରଦର୍ଶିତ କରୁଛି। ଅଭିଯୋଗ ହୁଏ ଯେ, ଛାତ୍ରଛାତ୍ରୀଙ୍କୁ ମନସ୍ତାତ୍ତ୍ୱିକ ସମର୍ଥନର ଅଭାବ ଏବଂ ଆପତି ଅଭିଯୋଗର ସମାଧାନ ପାଇଁ ମେକାନିଜ୍‌ମର ନିଷ୍କ୍ରିୟତା ଛାତ୍ରଛାତ୍ରୀ ଏବଂ କର୍ତୃପକ୍ଷଙ୍କ ମଧ୍ୟରେ ଦୂରତାକୁ ଦର୍ଶାଉଛି। ସ୍ୱାଧୀନ ଓ ନିରପେକ୍ଷ ତଦନ୍ତ ପାଇଁ ଦାବି ହେବା ସ୍ୱାଭାବିକ । କହିବା ବାହୁଲ୍ୟ ଯେ, ଦେଶର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡିକ ଉଭୟ ଶ୍ରେଣୀ କକ୍ଷ ଭିତରେ ଏବଂ ବାହାରେ ବହୁବିଧ ଚାପର ସମ୍ମୁଖୀନ ହୋଇଆସୁଛି। କ୍ରମାଗତ ଚାପର ବଶବର୍ତୀ ହୋଇ ଶେଷରେ ମେଧାବୀ ଜୀବନ ହାରିବାକୁ ଚରମ ନିଷ୍ପତି ନେବାକୁ ବାଧ ହେଉଛନ୍ତି। ପାର୍ଲିଆମେଂଟରେ ଗତ ୩ବର୍ଷ ତଳେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା ଯେ, ୨୦୧୮ ରୁ ୨୦୨୩ ମଧ୍ୟରେ ଦେଶରେ ଜାତୀୟ ସ୍ତରର ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ୯୮ଜଣ ମେଧାବୀ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିଲେ। ପ୍ରତିବର୍ଷ ମଧ୍ୟ ଆଇଆଇଟି, ଆଇଆଇଏମ, ଏନଆଇଟି, ନାଇଜର ଭଳି ଉପବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ମେଧାବୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇବାରେ ଲାଗିଛି। ଏହା ନିସନ୍ଦେହ ଯେ, ଆମ ଦେଶରେ ମାଧ୍ୟମିକ ଠାରୁ ଆରମ୍ଭ କରି ଉଚ୍ଚ ବୈଷୟିକ ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ ଛାତ୍ରଛାତ୍ରିଙ୍କ ଆତ୍ମହତ୍ୟା ଘଟଣା ନୂଆ ନୁହେଁ। ଗତ ୧୦ବର୍ଷ ମଧ୍ୟରେ ଦେଶରେ ୧ଲକ୍ଷ ୮୨ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା କରିଥିବାବେଳେ ୨୦୨୩ରେ କେବଳ ୧୩,୮୯୨ ଜଣ ଜୀବନ ହାରିଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି) ରିପୋର୍ଟ କହେ। ଉଲ୍ଲେଖଯୋଗ୍ୟ ଯେ, ୨୦୧୩ ରେ ୮୪୨୩ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବାବେଳେ ଏବେ ହାରାହାରି ବାର୍ଷିକ ଏହି ସଂଖ୍ୟା ୧୩ହଜାରରୁ ବୃଦ୍ଧି ପାଇଥିବା ରିପୋର୍ଟରେ କୁହାଯାଇଛି। ଏନଆଇଟି ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭଳି ଜାତୀୟ ବୈଷୟିକ ଶିକ୍ଷାନୁଷ୍ଠାନ ଗୁଡିକ ତୁଳନାରେ ଆଇଆଇଟିରେ ଆତ୍ମହତ୍ୟା ହାର ବୃଦ୍ଧି ପାଇଛି। ସେହିପରି ଡାକ୍ତରୀ, ଆଇଆଇଟି, ଏନଆଇଓ ଏବଂ ଆଦି ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପାଇଁ ଜାତୀୟ ସ୍ତରର ପରୀକ୍ଷା ପାଇଁ ପ୍ରସ୍ତୁତି ହେଉଥିବା, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ମଧ୍ୟ କିଛି କମ ନୁହେଁ। ଗତବର୍ଷ ଦେଶର କୋଚିଂ ହବ୍ ଭାବେ ପରିଚିତ କୋଟାରେ ମାତ୍ର ୩ମାସ ମଧ୍ୟରେ ୨୬ଜଣ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଦେଶରେ ଚାଂଚଲ୍ୟ ସୃଷ୍ଟି କରିଥିଲା। ଏନସିଆରବି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଦେଶରେ ଏବେ ଦୈନିକ ୩୫ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି। ଆମ ରାଜ୍ୟରେ ଗତ ୨୦୨୩-୨୪ରେ ଅଗଷ୍ଟରୁ ସେପ୍ଟେମ୍ବର ମାସ ମଧ୍ୟରେ ୧୮୯ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବାବେଳେ ୨୦୨୨ରେ ସେମାନଙ୍କ ସଂଖ୍ୟା ୧୭୩ ଥିଲା। ପ୍ରତିବର୍ଷ ଆତ୍ମହତ୍ୟା ମାନସିକତା ବୃଦ୍ଧି ପାଉଥିବା ଏହା ସଂକେତ ଦିଏ। ତେବେ ଦାରିଦ୍ର୍ୟ, ଆର୍ଥିକ ଅନଟନ ପିତାମାତାଙ୍କ ଅଭିଳାଷ ପୁରଣ କରିବାରେ ଅସମର୍ଥ, ମାନସିକ ଅବସାଦ, ଏକଡେମିକ ଚାପ, ଏବଂ ଅନ୍ୟ ସମସ୍ୟା କୋମଳମତି ମେଧାବୀ ଛାତ୍ରଛାତ୍ରୀଙ୍କ ମାନସିକତାକୁ ପ୍ରଭାବିତ କରୁଥିବାରୁ ଶେଷରେ ସମାନେ ଜୀବନ ହାରିବା ଭଳି ପନ୍ଥା ବାଛିବାକୁ ବାଧ ହେଉଛନ୍ତି। ଏହା ନିସନ୍ଦେହ ଯେ, ଯୁବ ପ୍ରତିଭା ବା ଆଗାମୀ କାଲିର ଭବିଷ୍ୟତଙ୍କ ଜୀବନ ହାନୀ ଦେଶ ପାଇଁ ଏକ ରାଜ୍ୟ। ଏଥିପ୍ରତି ଛାତ୍ରଛାତ୍ରୀ, ଅଭିଭାବକଙ୍କ ଠାରୁ ଆରମ୍ଭ କରି ଏକାଡେମିକ୍ କର୍ତୃପକ୍ଷ, ପ୍ରଶାସନ ଏବଂ ସରକାର ସମସ୍ତେ ଯତ୍ନବାନ ହେବା ଜରୁରୀ।

**ସମ୍ମାନ ଭବନ,**
**ପ୍ଲଟ ନଂ-୫୮/୩୫୮୧,**
**ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-**
**୭୫୧୦୦୨**
**ମୋବାଇଲ ନଂ-**
**୯୪୩୭୯୯୪୩୭୯**

# ଜନଗଣନା ଦେଶର ଭବିଷ୍ୟତର ବ୍ଲୁ ପ୍ରିଣ୍ଟ

### ଗୋପାଳ ମହାପାତ୍ର

ଦେଶରେ ୧୮୭୨ ମସିହାରେ ପ୍ରଥମ ବ୍ୟାପକ ଜନଗଣନା କରାଯାଇଥିଲା। ତାପର ଠାରୁ ପ୍ରତି ୧୦ ବର୍ଷରେ ଥରେ ଜନଗଣନା ହେଉଥିଲା। କିନ୍ତୁ ଦେଶ ଓ ପରିସ୍ଥିତି ବଦଳିଲା ଓ ଜନଗଣନା କରିବାର ପ୍ରକ୍ରିୟା ଏବଂ ବ୍ୟବସ୍ଥା ମଧ୍ୟ ବଦଳିବାରେ ଲାଗିଲା। ଜନଗଣନା କରାଯିବାର ଉଦେଶ୍ୟ ହେଉଛି ସରକାରଙ୍କୁ ଜଣାପଡିବ ଯେ ଦେଶର ଲୋକସଂଖ୍ୟା କେତେ, ସେମାନେ କେଉଁଠି ରହୁଛନ୍ତି, କ'ଣ କାମ କରୁଛନ୍ତି ଏବଂ କେଉଁ ଭାଷାର ବ୍ୟବହାର କରୁଛନ୍ତି। ଜନଗଣନାରେ କେବଳ ଲୋକଙ୍କ ସଂଖ୍ୟା ଜାଣିହୁଏ ତାହା ନୁହେଁ ଦେଶର ସାମାଜିକ, ଆର୍ଥିକ ଏବଂ ସାଂସ୍କୃତିକ ସ୍ଥିତି ବାବଦରେ ସ୍ପଷ୍ଟ ସୂଚନା ମିଳିଥାଏ। ଏସବୁ ସୂଚନା ବା ତଥ୍ୟକୁ ତର୍ଜମା କରି ସରକାର ନୀତି ନିୟମ ପ୍ରଣୟନ କରିଥାନ୍ତି, ସଂସାଧନର ବିତରଣ ଏବଂ ଯୋଜନାର ଦିଶା ସ୍ଥିର କରିପାରିଥାନ୍ତି। ଋଗ୍‌ବେଦରେ ଭାରତରେ ୮୦୦-୬୦୦ ଖ୍ରୀଷ୍ଟପୂର୍ବରେ ଏକପ୍ରକାରର ଜନସଂଖ୍ୟାର ଗଣନା କରାଯିବା ସମ୍ପର୍କରେ ଉଲ୍ଲେଖ ରହିଛି। ଏତଦ୍ ବ୍ୟତୀତ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ଏବଂ ମୋଗଲ କାଳରେ ଆଇନ୍-ଏ-ଅକବରୀରେ ମଧ୍ୟ ଗଣନା କରାଯିବା ସମ୍ପର୍କରେ ଉଲ୍ଲେଖ ଅଛି। ଆଧୁନିକ କାଳରେ ଜନଗଣନାର ଇତିହାସ ୧୮୦୦ରୁ ଆରମ୍ଭ ହୋଇଥିଲା ଯେତେବେଳେ ଇଂଲଣ୍ଡ ବା ବ୍ରିଟିଶ ସରକାର ସେମାନଙ୍କ ଦେଶରେ ଜନଗଣନା କରାଇଥିଲେ। ବ୍ରିଟିଶ ଶାସନ କାଳରେ ଜେମସ ପ୍ରିନସେପଙ୍କ ଦ୍ୱାରା ୧୮୨୪ରେ ଇଲାହାବାଦ (ବର୍ତ୍ତମାନର ପ୍ରୟାଗରାଜ) ଏବଂ ୧୮୨୭-୨୮ରେ ବନାରସରେ ଜନଗଣନା କରାଯାଇଥିଲା। ୧୮୩୦ ମସିହାରେ ଢାକା ସହର (ବର୍ତ୍ତମାନର ବଙ୍ଗଳାଦେଶ)ର ଜନଗଣନା ହେନେରୀ ବାଲଟରଙ୍କ ଦ୍ୱାରା କରାଯାଇଥିଲା। ସମଗ୍ର ଭାରତ (ଅବିଭକ୍ତ ଭାରତ)ର ପ୍ରଥମ ଜନଗଣନା ୧୮୭୨ରେ ବ୍ରିଟିଶ ସରକାର ଅମଳରେ କରାଯାଇଥିଲା। ଯଦିଓ ଏକ ସମୟରେ ଏହି ଜନଗଣନା କରାଯାଇନଥିଲା। ପର୍ଯ୍ୟାୟକ୍ରମେ ଅଲଗା ଅଲଗା ଅଞ୍ଚଳରେ କରାଯାଇଥିଲା। ୧୮୮୧ରେ ଭାରତରେ ପ୍ରଥମ ଥର ପାଇଁ ସଂପୂର୍ଣ୍ଣ ଏବଂ ବ୍ୟବସ୍ଥିତ ଭାବେ ଜନଗଣନା କରାଯାଇଥିଲା ଯାହାକୁ ପ୍ରଥମ ଆଧୁନିକ ଜନଗଣନା ବୋଲି କୁହାଯାଏ। ସେବେଠାରୁ ପ୍ରତି ୧୦ବର୍ଷରେ ଜନଗଣନା କରାଯାଇ ଆସୁଛି।

ଭାରତ ସ୍ୱାଧିନ ହେବାପରେ ୧୯୫୧ରେ ସ୍ୱାଧିନ ଭାରତର ପ୍ରଥମ ଜନଗଣନା ହୋଇଥିଲା। ସେତେବେଳେ ଦେଶର ଜନସଂଖ୍ୟା ୩୬କୋଟି ଥିଲା। ୨୦୧୧ର ଜନଗଣନା ବେଳକୁ ଦେଶର ଜନସଂଖ୍ୟା ୧୨୧ କୋଟି ହୋଇସାରିଥିଲା। ଭାରତରେ ପ୍ରତ୍ୟେକ ୧୦ ବର୍ଷରେ ଥରେ ହେଉଥିବା ଜନଗଣନା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଅଧିନସ୍ଥ ଜନଗଣନା କମିଶନ କାର୍ଯ୍ୟାଳୟ ଦ୍ୱାରା କରାଯାଇଥାଏ। ସମ୍ବିଧାନର ଜନଗଣନା ଅଧିନିୟମ ୧୯୪୮ର ପ୍ରାବଧାନ ଅନୁସାରେ ଏହି ଜନଗଣନା କରାଯାଇଥାଏ। ଭାରତର ସମ୍ବିଧାନର ଅନୁଚ୍ଛେଦ ୨୪୬ ଅନୁସାରେ ଜନଗଣନା କେନ୍ଦ୍ର (ସଂଘ)ର ବିଶୟ ଅଟେ। ଏହା ସମ୍ବିଧାନର ସପ୍ତମ ଅନୁସୂଚୀର କ୍ରମାଙ୍କ ୬୯ରେ ସୂଚୀବଦ୍ଧ ହୋଇଛି। ଜନଗଣନା ଅଧିନିୟମ ୧୯୪୮ରେ ଗୋପନୀୟତାର ଗ୍ୟାରେଣ୍ଟି ମଧ୍ୟ ଦିଆଯାଇଛି। ଜନଗଣନା ସମୟରେ ଏକତ୍ର କରାଯାଇଥିବା ତଥ୍ୟ ଏତେ ଗୋପନୀୟ ଯେ ଏସବୁ ତଥ୍ୟ ନ୍ୟାୟଳୟକୁ ମିଳିବା ମଧ୍ୟ ସହଜ ନୁହେଁ। ଗୋପନୀୟତାର ଉଲଂଘନ ପାଇଁ ଦଣ୍ଡର ପ୍ରାବଧାନ ରହିଛି। ୨୦୧୧ର ଜନଗଣନା ବେଳେ ଜନଗଣନା ଦାୟୀତ୍ୱରେ ଥିବା କର୍ମଚାରୀ ମାନେ ଲୋକଙ୍କୁ ୨୯ଟି ପ୍ରଶ୍ନ ପଚାରୁଥିଲେ। ୨୦୨୧ ହେବାକୁ ଥିବା ଜନଗଣନାକୁ କୋରେନା ମହାମାରୀ କାରଣରୁ ସ୍ଥଗିତ କରାଯାଇଥିଲା। ୨୦୨୬ରେ ଏବେ ଯେଉଁ ଜନଗଣନା କରାଯାଉଛି ଏହା ପ୍ରଥମ ଡିଜିଟାଲ ଜନଗଣନା। ଏଥିରେ ସ୍ୱ-ଗଣନାର ମଧ୍ୟ ବ୍ୟବସ୍ଥା ରହିଛି। ପୁର୍ବରୁ ପୁରୁଷ ଓ ମହିଳାଙ୍କ ବାବଦରେ ତଥ୍ୟ ସଂଗ୍ରହ କରା ଯାଉଥିଲା କିନ୍ତୁ ଏଥର ଟାନ୍ସଜେଣ୍ଡର (କ୍ଲିବଲିଙ୍ଗ) ମଧ୍ୟ ସାମିଲ ହେବେ।

ଜନଗଣନାର ପ୍ରଥମ ପର୍ଯ୍ୟାୟରେ ୩୩ଟି ପ୍ରଶ୍ନ ପଚରାଯିବ ଯଥା- ଗୃହର ସ୍ଥିତି, ପରିବାରର ସୁଖ-ସୁବିଧା, ପାନୀୟଜଳ, ଶୌଚାଳୟ, ବିଦ୍ୟୁତ୍, ଇନ୍ଧନ ଏବଂ ମୁଖ୍ୟତଃ ଖାଦ୍ୟ ଭାବରେ ବ୍ୟବହାର କରାଯାଉଥିବା ଶଷ୍ୟ ଇତ୍ୟାଦି। ଏଥରର ଜନଗଣନା ଅନେକ ଦୃଷ୍ଟିରୁ ଐତିହାସିକ ବୋଲି କୁହାଯାଉଛି କାରଣ ଡିଜିଟାଲ ମାଧ୍ୟମରେ ହେଉଥିବା ଏହି ଜନଗଣନା ତ୍ୱରିତ ଏବଂ ପାରଦର୍ଶୀ ହେବ। ଏପରିକି ସଂଖ୍ୟାର ଗୁଣବତ୍ତା ମଧ୍ୟ ରହିବ। ପାରମ୍ପରିକ କାଗଜ ଆଧାରିତ ପ୍ରଣାଳି ପରିବର୍ତ୍ତେ ଏବେ ମୋବାଇଲଆପ୍, ୱେବ ପୋର୍ଟାଲ ଏବଂ ରିୟଲ ଟାଇମ୍ ଡାଟା ମନିଟରିଙ୍ଗର ଉପଯୋଗ କରାଯିବ। ଫଳରେ ଜନଗଣନା କର୍ମଚାରୀ ଙ୍କ ଦ୍ୱାରା ଏକତ୍ରିତ ତଥ୍ୟ ସିଧାସଳଖ ସର୍ଭରରେ ପହଞ୍ଚିବ ଯାହାଫଳରେ ଡ଼ାଟା ପ୍ରୋସେସିଙ୍ଗ ପାଇଁ ଲାଗୁଥିବା ସମୟ କମ୍ ହେବ। ଏହି ଡିଜିଟାଲ ଜନଗଣନାର ଏକ ବିଶେଷତା ହେଉଛି ଏହା ଦୁଇଟି ପର୍ଯ୍ୟାୟରେ ଆଯୋଜିତ କରାଯିବ। ଏହା ଦ୍ୱାରା ଡ଼ାଟା (ତଥ୍ୟ) ଅଧିକ ବ୍ୟବସ୍ଥିତ ଏବଂ ବିଶ୍ଳେଷଣ ଯୋଗ୍ୟ ହୋଇପାରିବ। ଏଥର ଦିଆଯାଇଥିବା ସ୍ୱତନ୍ତ୍ର ସୁବିଧା ହେଉଛି ଆପଣ (ବ୍ୟକ୍ତି) ଅନଲାଇନ୍ ପୋର୍ଟାଲ ମାଧ୍ୟମରେ ନିଜ ପରିବାରର ତଥ୍ୟ ସବୁକୁ ଦାଖଲ କରିପାରିବେ। ୧୬ଟି ଭାଷାରେ ଏହି ପୋର୍ଟାଲ ଉପଲବ୍ଧ। ଜନଗଣନା ସମ୍ପର୍କୀତ ସୂଚନାର ସୁରକ୍ଷା ପାଇଁ ମଧ୍ୟ ସରକାର ବ୍ୟବସ୍ଥା କରିଛନ୍ତି। ଡ଼ାଟା ବା ସୂଚନା ସଂପୂର୍ଣ୍ଣ ଗୋପନୀୟ ରହିବ ଏବଂ ଏହା ସୂଚନା ଅଧିକାର ଆଇନର ଅନ୍ତର୍ଭୁକ୍ତ ନୁହେଁ। ଜନଗଣନାର ତଥ୍ୟକୁ କୌଣସି ସରକାରୀ ଯୋଜନା ବା ଅଦାଲତରେ ସାକ୍ଷ୍ୟ ଭାବେ ବ୍ୟବହାର କରାଯାଇପାରିବ ନାହିଁ। ଜନଗଣନାର ଅଧିକାରୀକ ସଂଖ୍ୟା ୨୦୨୭ ମାର୍ଚ୍ଚ ୧ ତାରିଖ ମଧ୍ୟରାତ୍ରୀର ଆଧାରରେ ସ୍ଥିର ବୋଲି ଗ୍ରହଣ କରାଯିବ।

ଏହି ଅଭିଯାନକୁ ସଠିକ୍ ଭାବେ କାର୍ଯ୍ୟାନ୍ୱୟନ କରିବା ପାଇଁ ସରକାର ୧୧୭୧୮ କୋଟି ୨୪ଲକ୍ଷ ଟଙ୍କା ବ୍ୟୟ କରିବେ। ସାରା ଦେଶରେ ପାଖାପାଖି ୩୦ଲକ୍ଷ କର୍ମଚାରୀ ଏବଂ ଅଧିକାରୀ ଏହି କାର୍ଯ୍ୟ କରିବେ। ଜନଗଣନାର ଦ୍ୱିତୀୟ ବୃହତ୍ ଅଂଶ ୨୦୨୭ ଫେବୃୟାରୀରୁ ଆରମ୍ଭ ହେବ। ଏହି ସମୟରେ ଲୋକଙ୍କ ଗଣତି ହେବ ଏପରିକି ଜାତି ଆଧାରିତ ଗଣନା କରାଯିବ। ୨୦୨୭ ମାର୍ଚ୍ଚ ୧ ତାରିଖ ରାତ୍ରୀ ୧୨ଟାକୁ ଏହି ଗଣିତର ମୁଖ୍ୟ ଆଧାର ଭାବେ ଗ୍ରହଣ କରାଯିବ। ଏକଥା ନିଶ୍ଚିତ ଯେ ଜନଗଣନା କେବଳ ଜନସଂଖ୍ୟାର ଗଣତି ନୁହେଁ ବରଂ ଦେଶର ଭବିଷ୍ୟତର ବ୍ଲୁପ୍ରଣ୍ଟ ଅଟେ। ଏଥିରୁ ସରକାରଙ୍କୁ ଜଣାପଡିଥାଏ ଯେ କେଉଁ ଅଞ୍ଚଳରେ ସ୍କୁଲ, ହସ୍ପିଟାଲ ଏବଂ ବୁନିଆଦି ସୁବିଧାର ଅଭାବ ରହିଛି। ଏସବୁ ତଥ୍ୟର ତର୍ଜମା କରି ସରକାର ବଜେଟରେ ସେ ସବୁ ଅଞ୍ଚଳର ବିକାଶର ବ୍ୟବସ୍ଥା କରିପାରିବେ। ଶିକ୍ଷା, ରୋଜଗାର ଏବଂ ସ୍ୱାସ୍ଥ୍ୟ ସହ ଜଡ଼ିତ ନୀତି ବାସ୍ତବିକ୍ ଡାଟାର ଆଧାରରେ ପ୍ରଣୟନ କରାଯାଇଥାଏ। ପଛୁଆ ଏବଂ ବଞ୍ଚିତ ବର୍ଗଙ୍କ ବାବଦରେ ସଠିକ୍ ତଥ୍ୟ ଜାଣିବା ପରେ ସରକାର ସେମାନଙ୍କ ଉତ୍ଥାନ ପାଇଁ ବିଶେଷ କାର୍ଯ୍ୟକ୍ରମ ଚଳାଇଥାନ୍ତି।

**ରାମଚନ୍ଦ୍ରପୁର, ରଣପୁର**
**ମୋ - ୯୪୩୮୪୮୫୦୯୪**

# ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ

### ଡ଼କ୍ଟର କାଳୀ ପ୍ରସନ୍ନ ଶତପଥି

ଆଧ୍ୟାତ୍ମିକ ଜଗତରେ ବିଶ୍ୱ ଦିବ୍ୟଜୀବନ ସଂଘର ଏକ ଦିବ୍ୟ ତାରକା ଭାବରେ ପରମପୂଜ୍ୟା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ (ଶ୍ରୀମା)ଙ୍କର ଅଲୌକିକ ମହନୀୟ ଚରିତ ଓ ଅନନ୍ୟ ଅବଦାନ ବାସ୍ତବିକ ତାତ୍ପର୍ଯ୍ୟପୂର୍ଣ୍ଣ। ସାହିତ୍ୟ, ସଂସ୍କୃତି, ସ୍ୱାସ୍ଥ୍ୟ ତଥା ସମାଜ ବିକାଶ କ୍ଷେତ୍ରରେ ପ୍ରତ୍ୟେକ୍ଷ ଅଂଶ ଗ୍ରହଣ କରିଥିବା ଶ୍ରୀମା ସାମ୍ପ୍ରତିକ କଳି କଳୁଷିତ ପରିବେଶରେ ସେବା, ତ୍ୟାଗ, ସହୃଦୟ ପ୍ରେମ, ପବିତ୍ରତା, ଧ୍ୟାନ, ଆତ୍ମାନୁଭୂତି ତଥା ଶରଣାଗତି ପ୍ରଭୃତି ଆଧ୍ୟାତ୍ମିକ ଚେତନାଗୁଡ଼ିକୁ ପ୍ରୟୋଗାତ୍ମକ ଶୈଳୀରେ ଓଡ଼ିଶାର ପୁରପଲ୍ଲୀରେ ପ୍ରତ୍ୟେକଙ୍କ ନିକଟରେ ପହଞ୍ଚାଇବାକୁ ମହତ୍ ଲକ୍ଷ୍ୟ ନେଇ ଆଗେଇ ଚାଲିଛନ୍ତି। କିଶୋରୀ ଅବସ୍ଥାରେ ଭୋଗ ବିଳାସର ଆକର୍ଷଣକୁ ପାଦରେ ଏଡ଼ାଇ ଦେଇ ଶାଶ୍ୱତ ସୁଖର ସନ୍ଧାନରେ ଯାଇ ସଫଳତା ଓ ସିଦ୍ଧି ଲାଭ କରିଥିବା ଜଣେ ତେଜସ୍ୱିନୀ ମହୀୟସୀ ମହିଳା ଶ୍ରୀମା ହିମାଳୟରେ କଠୋର ତପ ସାଧନ କରିଥିଲେ। ତାଙ୍କର ଆଦର୍ଶ ଚରିତ୍ର ସମଗ୍ର ମାନବ ସମାଜ ପାଇଁ ପ୍ରେରଣାର ଉତ୍ସ। ଯୁଗପୁରୁଷ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ପରମ ଶିଷ୍ୟା ଭାବରେ ଶ୍ରୀମା ଶାନ୍ତି, ମୈତ୍ରୀ ଓ ସଦଭାବନା ତଥା ଦିବ୍ୟ ଜୀବନ ବାର୍ତ୍ତାବହ ରୂପେ ସର୍ବତ୍ର ପରିଚିତ। ୧୯୬୧ ମସିହା ଅପ୍ରେଲ ୨୪ ତାରିଖ ସୀତା ନବମୀ ତିଥିରେ ପୂତଯଶା ପିତା ଦୁର୍ଯ୍ୟୋଧନ ପରିଡ଼ା ଓ ଭକ୍ତିମତୀ ମାତା ମାଳତୀ ଦେବୀଙ୍କ କୋଳମଣ୍ଡନ କରିଥିଲେ ଏହି କରୁଣାମୟୀ ଜ୍ୟୋର୍ତିମୟୀ କନ୍ୟାରତ୍ନ। କେନ୍ଦ୍ରାପଡ଼ା ଜିଲ୍ଲାର କୋର ପଞ୍ଚାୟତ ଅନ୍ତର୍ଗତ ପିଙ୍ଗଳ ଗ୍ରାମ ସେହି ଦିନ ଠାରୁ ଏକ ଦିବ୍ୟ ଭୂମିରେ ପରିଣତ ହେଲା। ନାରାୟଣଙ୍କ ଉପାସ୍ୟ ଭାବେ ଗ୍ରହଣ କରିଥିବା କୁମାରୀ ଉର୍ମିଳାଙ୍କୁ ପ୍ରତିବେଶୀ ମାନେ ପ୍ରଶଂସା କରୁଥିଲେ। ଦ୍ୱିତୀୟ ମୀରାବାଇ ବୋଲି କହୁଥିଲେ। କ୍ରମଶଃ ଦିବ୍ୟ ଚେତନା ଆଧ୍ୟାତ୍ମିକ ମାର୍ଗ ଉନ୍ମିଳିତ ହେଲା। ୧୯୭୭ ମସିହାରେ କୋର ପଞ୍ଚାୟତ ହାଇସ୍କୁଲର ଏକାଦଶ ଶ୍ରେଣୀ ଛାତ୍ରୀ ସାମାଜିକ ପ୍ରଭାବ ଅନୁସାରେ ବିବାହ ପ୍ରସ୍ତାବକୁ ପ୍ରତ୍ୟାଖାନ କରି ବିଶିଷ୍ଟ ସର୍ବୋଦୟ ନେତ୍ରୀ ମାଆ ରମାଦେବୀଙ୍କ ତତ୍ତ୍ୱାବଧାନରେ ଗାନ୍ଧିଜୀଙ୍କ ଆଦର୍ଶକୁ ପାଥେୟ କରି ସରଳ ନିରଳସ ଜୀବନଯାପନ କରିବା ସଙ୍ଗେ ସଙ୍ଗେ ଦିନ, ଦଳିତ, ପତିତ ଜନତାର ସେବାକୁ ବ୍ରତ ରୂପେ ଗ୍ରହଣ କଲେ। ସ୍ୱାବଲମ୍ବନଶୀଳତା, ପରୋପକାର ଓ ଈଶ୍ୱରାନୁସରଣ ତାଙ୍କ ବ୍ୟକ୍ତିଗତ ଜୀବନକୁ ସମୃଦ୍ଧ କଲା। ସେ ମର୍ମେ ମର୍ମେ ଅନୁଭବ କଲେ ଦୁର୍ଗତ ମାନଙ୍କର ସେବା ହିଁ ମାଧବଙ୍କ ସେବା। ଉତ୍କଳୀୟ ସାଧୁ ସ୍ୱାମୀ ଧ୍ୟାନାନନ୍ଦ ସରସ୍ୱତୀଙ୍କ ପ୍ରେରଣାରେ ଋଷିକଶେ ଶିବାନନ୍ଦ ଧାମରେ ୧୯୭୮ ମସିହାରେ ପଦାର୍ପଣ କରିଥିଲେ। ମହାତ୍ମା ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କର ଆଦର୍ଶବାଦ, ନୈସର୍ଗିକ ପ୍ରେରଣା ଓ ବିଭୂତିର କରୁଣାସିକ୍ତ ମଧୁମୟ ଦିବ୍ୟ ସ୍ପର୍ଶରେ ଉର୍ମିଳାଙ୍କର ଉଦାର ଜୀବନ ଧାରାରେ ଆଲୋଡ଼ନ ସୃଷ୍ଟି ହେଲା। ଦୁଇବର୍ଷ ଋଷିକେଶରେ ସାଧନା କରି ଜନ୍ମଭୂମି ପିଙ୍ଗଳକୁ ଫେରିଆସି 'ଶିବାନନ୍ଦ ଆଶ୍ରମ' ନାମ ମାତ୍ର କୁଟୀରରେ ବ୍ରହ୍ମଚାରିଣୀ ଦିବ୍ୟଜୀବନ ଯାପନ କଲେ। ୧୯୮୧ ଅକ୍ଟୋବର ୨୪ ତାରିଖରେ ଅଖଣ୍ଡ ମହାମନ୍ତ୍ର ଜପଯଜ୍ଞ ଶୁଭାରମ୍ଭ କଲେ ଯାହାକି ଅଦ୍ୟାବଧି ଚାଲୁଛି।୧୯୮୪ ପବିତ୍ର ଗୁରୁ ପୂର୍ଣ୍ଣିମା ଦିନ ପ୍ରେମମୂର୍ତ୍ତି ସଦଗୁରୁ ଦେବ ସ୍ୱାମୀ ଚିଦାନନ୍ଦ ଋଷିକେଶରେ ଉର୍ମିଳାଙ୍କୁ 'ବ୍ରହ୍ମଚାରିଣୀ ଦିବ୍ୟସ୍ୱରୂପ ଚୈତନ୍ୟ ଶୁଭ ଦିବ୍ୟ ନାମରେ ନୂତନ ମହାମାନବିକ ଲୀଳା ପ୍ରକାଶ ପାଇଁ ମହାଦୀକ୍ଷା ପ୍ରଦାନ କରିଥିଲେ।' ପିଙ୍ଗଳ ଶିବାନନ୍ଦ ସେବାଶ୍ରମ ପରିସରରେ ପ୍ରଥମେ ଗଢ଼ି ଉଠିଲା ଦିବ୍ୟ ତପୋବନ, ଆଧ୍ୟାତ୍ମିକ ଅନୁଷ୍ଠାନ ଶିବାନନ୍ଦ ସାଧନା କେନ୍ଦ୍ର ଶ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିର କ୍ରମଶଃ ସ୍ୱାମୀ ଚିଦାନନ୍ଦଙ୍କ ସମେତ ଅନେକ ସର୍ବଭାରତୀୟ ସାଧୁସନ୍ଥ ଏବଂ ଗଜପତି ମହାରାଜଙ୍କର ପ୍ରିୟ ପର୍ଯ୍ୟଟନସ୍ଥଳର ମର୍ଯ୍ୟାଦା ଲାଭ କରିଥିଲା ଏହି ସାଧନା ପୀଠ। ୧୯୯୫ ମସିହା ଡିସେମ୍ବର ମାସରେ ନିଖିଳ ଉତ୍କଳ ଦିବ୍ୟ ଜୀବନ ସମ୍ମିଳନ ଶ୍ରୀମାଙ୍କ ଅପୂର୍ବ ନେତୃତ୍ୱର ସଫଳତା କାହାଣୀ ୧୯୯୯ ମହାବାତ୍ୟାରେ ଦୁର୍ଗତ ମାନଙ୍କୁ ସେବାମୂଳକ କାର୍ଯ୍ୟରେ ପରୋପକାର ସ୍ୱର୍ଗୀୟ ନୀତିର ସ୍ୱାକ୍ଷର ବହନ କରିଛନ୍ତି। ୨୦୧୫ ପବିତ୍ର ଶିବରାତ୍ରୀ ଦିନ ଋଷିକେଶରେ ପାରମ୍ପରିକ ଯଜ୍ଞାନୁଷ୍ଠାନ ପରେ ଶ୍ରୀମା ପୂର୍ଣ୍ଣ ସନ୍ନ୍ୟାସ ଦୀକ୍ଷାରେ ଅଭିଦୀକ୍ଷିତ ହୋଇ ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ ନାମରେ ପରିଚିତ ହୋଇ ଆସୁଛନ୍ତି।

ଶ୍ରୀମା ସମଗ୍ର ଭାରତରେ ଓଡ଼ିଆ, ହିନ୍ଦୀ ଓ ସରଳ ଇଂରାଜୀ ଭାଷାରେ ସୁମଧୁର ପ୍ରବଚନ ଦେଇ ଭକ୍ତ ଓ ଜିଜ୍ଞାସୁମାନଙ୍କୁ ଚମତ୍କୃତ କରିଥାନ୍ତି। ପ୍ରତି ବର୍ଷ ଋଷିକେଶ, ଅହମ୍ମଦାବାଦ ଓ ଦକ୍ଷିଣ ଭାରତର ବିଭିନ୍ନ ଆଧ୍ୟାତ୍ମିକ ଅନୁଷ୍ଠାନ ତଥା ଓଡ଼ିଶା ବିଭିନ୍ନ ସାଂସ୍କୃତିକ ଉତ୍ସବରେ ମୁଖ୍ୟ ଅତିଥି କିମ୍ବା ଅଧକ୍ଷ ଭାବରେ ଯୋଗ ଦେଇ ମୂଲ୍ୟବାନ ଉପଦେଶ ପ୍ରଦାନ କରି ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଛନ୍ତି। ଯୋଗବାଶିଷ୍ଠର ଓଡ଼ିଆ ଅନୁବାଦ, ଜ୍ଞାନଯଜ୍ଞ ପ୍ରସାଦ, ଦିବ୍ୟ ସନ୍ଦେଶ, ଦିବ୍ୟ ଚେତନା, ଦିବ୍ୟାମୃତ, ଦିବ୍ୟ ଅନୁଭୂତି ଏବଂ ଶତାଧିକ ପ୍ରକାଶିତ ଅପ୍ରକାଶିତ ଭକ୍ତି ସଂଗୀତ ସର୍ବୋପରି 'ଦିବ୍ୟକୌସ୍ତୁଭ' କାବ୍ୟଗ୍ରନ୍ଥ ଶ୍ରୀମାଙ୍କର ସାରସ୍ୱତ ପ୍ରତିଭାର ପରିଚୟ ଦିଏ। ସର୍ବଧର୍ମ ସମନ୍ୱୟର ସାଧୁସନ୍ଥଙ୍କ ଉପଦେଶାମୃତକୁ ନିଜେ ଜୀବନରେ ଆଚରଣ ସହ ଦିବ୍ୟ ମାତୃତ୍ୱର ବାର୍ତ୍ତା ବହନ କରି ନିଖିଳ ଜନତାର ହୃଦୟରେ ଦିବ୍ୟ ଜୀବନ ଅଙ୍କୁରିତ କରିବା ପାଇଁ ସର୍ବଦା ଯତ୍ନ କରି ଆସୁଛନ୍ତି। କେନ୍ଦ୍ରାପଡ଼ା ପିଙ୍ଗଳ ଶିବାନନ୍ଦ ସେବାଶ୍ରମ, ଗରାପୁରର ଦିବ୍ୟ ସ୍ୱରୂପ ଦିବ୍ୟ ଜୀବନ ଆଧ୍ୟାତ୍ମିକ ବିକାଶ ଆଶ୍ରମ, ନିଆଳିର ଦିବ୍ୟ ଜୀବନ ସେବାଶ୍ରମ ପ୍ରମୁଖ ଭାବରେ ଶ୍ରୀମାଙ୍କର ଆଶ୍ରମର ଦୈନନ୍ଦିନ ନିର୍ଘଣ୍ଟ ପାଳନ ସହିତ ବାର୍ଷିକ ଯଜ୍ଞାନୁଷ୍ଠାନ ଓ ସାଂସ୍କୃତିକ ମହୋତ୍ସବ ପାଳନ କରି ଆସୁଛନ୍ତି। ଧୂମାତ୍, ଆଳି, ଚନ୍ଦନ ନଗର, ବାଲିପାଟଣା, ତରଡ଼ିପାଳ, ବିଜୟନଗର, ଚାଟିଗାଁ, ଗଇଦୁଆ, କପାଳେଶ୍ୱର ପ୍ରଭୃତି ଅଞ୍ଚଳରେ ଶ୍ରୀମାଙ୍କ ଆଶ୍ରିତମାନେ ଦିବ୍ୟ ଜୀବନର ବାର୍ତ୍ତା ଓ ସତସଙ୍ଗ ପ୍ରଚାର କରି ଆସୁଛନ୍ତି। ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପା ନନ୍ଦ ସରସ୍ୱତୀଙ୍କର ପବିତ୍ର ଜନ୍ମୋତ୍ସବରେ ଅନନ୍ତ କୋଟି ପ୍ରଣିପାତ ସହିତ ଦିବ୍ୟ ଆଶୀର୍ବାଦ କାମନା।

**ଉପାଧ୍ୟକ୍ଷ, ଦିବ୍ୟ ଜୀବନ ସଂଘ,**
**କେନ୍ଦ୍ରାପଡ଼ା, ଦୂରଭାଷ :**
**୯୮୬୧୦୫୮୧୩୦ /**
**୯୩୪୮୧୯୨୭୧୯**

### ସରକାରୀ ଜମିରୁ ବେଆଇନ ମାଟି ଖୋଳା ଉପରେ ପ୍ରଶାସନର କଡ଼ା ଆକ୍ସନ

# ୬ ପୋକଲିନ୍ ଓ ୧୧ ହାଇୱା ଜବତ, ୬ ଗିରଫ

■ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ଅଭିଯୋଗ

**ଜଗତସିଂହପୁର :** ସରକାରୀ ଜମିରୁ ବେଆଇନ ଭାବେ ମାଟି ଖୋଳି କରି ପରିବହନ ଓ ବିକ୍ରି କରୁଥିବା ଏକ ସଂଗଠିତ ଅପରାଧୀ ଗୋଷ୍ଠୀ ବିରୋଧରେ କୁଜଙ୍ଗ ପୁଲିସ ଓ ପ୍ରଶାସନ ପକ୍ଷରୁ ବଡ଼ ଧରଣର ଚଢ଼ାଉ କରାଯାଇଛି । ଚଢ଼ାଉ ସମୟରେ ୬ଟି ପୋକଲିନ୍ ଏବଂ ୧୧ଟି ହାଇୱା ଗାଡ଼ି ଜବତ କରାଯାଇଥିବା ବେଳେ ଘଟଣାରେ ସଂପୃକ୍ତ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଜିଲ୍ଲାପାଳ ଜେ. ସୋନାଲ ଓ ଜଗତସିଂହପୁର ଏସ୍ ?ପି ଅଙ୍କିତ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଅଜୟ କୁମାର ଦାସ ଏସ୍‌ଡିପିଓ ତିର୍ତ୍ତୋଲ, ଉପଜିଲ୍ଲାପାଳ ଏବଂ ପୁଲିସ-ପ୍ରଶାସନର ଟିମ୍ କୁଜଙ୍ଗ ତହସିଲ ଅନ୍ତର୍ଗତ ଫତେପୁର ଗ୍ରାମପଞ୍ଚାୟତର ପ୍ରତାପପୁର ନିକଟସ୍ଥ ଆଇଡିକୋ ସରକାରୀ ଜମିରେ ଚଢ଼ାଉ କରିଥିଲେ । ସେଠାରେ ଦୀର୍ଘଦିନ ଧରି ବେଆଇନ ଭାବରେ ମାଟି ଖନନ କରାଯାଇ ହାଇୱା ଯୋଗେ ବିଭିନ୍ନ ସ୍ଥାନକୁ ପଠାଯାଉଥିବା ସୂଚନା ମିଳିଥିଲା । ଏହା ଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ହେଉଥିବା ଅଭିଯୋଗ ରହିଥିଲା । ଏହି ବେଆଇନ କାରବାରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଓ ଜନରୋଷ ବଢ଼ିଥିବା ବେଳେ ବିଶ୍ୱସନୀୟ ସୂଚନା ଆଧାରରେ ପୁଲିସ ଓ ପ୍ରଶାସନ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ବିପୁଳ ପରିମାଣର ଯନ୍ତ୍ରପାତି ଓ ଗାଡ଼ି ଜବତ କରାଯାଇଥିଲା । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ କଟକ ଜିଲ୍ଲା କିଶୋରନଗର ଅଞ୍ଚଳର ସୋମନାଥ ବେହେରା (୨୯), ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଅଞ୍ଚଳର ଶ୍ରୀହରି ପାତ୍ର (୪୮), କୁଜଙ୍ଗ ଅଞ୍ଚଳର ଚନ୍ଦନ ପରିଡା (୨୬), ତିର୍ତ୍ତୋଲ ଅଞ୍ଚଳର ତୁଷାର କୁମାର ସାହୁ (୩୮), କୁଜଙ୍ଗର ହରେକୃଷ୍ଣ ସ୍ୱାଇଁ (୫୧) ଏବଂ ପ୍ରମୋଦ କୁମାର ତରାଇ (୬୩) । ଏମାନଙ୍କ ମଧ୍ୟରୁ କେହି ଗାଡ଼ି ଚାଳକ, କେହି ପୋକଲିନ୍ ଚାଳକ ଓ କେହି ଏହି ବେଆଇନ କାରବାରର ତଦାରଖକାରୀ ବୋଲି ପୁଲିସ କହିଛି । ଏହି ଘଟଣାରେ କୁଜଙ୍ଗ ଥାନା କେସ୍ ନଂ-୧୩୧/୨୬ ରୁଜୁ କରାଯାଇଥିବା ବେଳେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ବେଆଇନ କାରବାର ପଛରେ ଥିବା ମୁଖ୍ୟ ମାଷ୍ଟରମାଇଣ୍ଡ ଓ ଅନ୍ୟ ସଂପୃକ୍ତ ବ୍ୟକ୍ତିଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ସୂଚନା ଦେଇଛି । ଘଟଣାର ତଦନ୍ତ ଜାରି ରହିଛି ।





# ବଜରଙ୍ଗ ଦଳ ପ୍ରାନ୍ତୀୟ ଶୌର୍ଯ୍ୟ ପ୍ରଶିକ୍ଷଣ ଶିବିର

**ବ୍ରହ୍ମପୁର :** ସ୍ଥାନୀୟ ଲାଞ୍ଜିପଲ୍ଲୀ ଜାତୀୟ ରାଜପଥ ନିକଟରେ ଥିବା ଅକ୍ସଫୋର୍ଡ ପବ୍ଲିକ ସ୍କୁଲ ଠାରେ ପୂଜ୍ୟସନ୍ଥ ଚରଣ ଯୋଗୀ ଦେବଦତ୍ତ ମହାରାଜ, କୃଷ୍ଣ ବାବା, ବିଶ୍ୱ ହିନ୍ଦୁ ପରିଷଦ ଅଖିଳ ଭାରତୀୟ ସତସଙ୍ଗ ପ୍ରମୁଖ ଡଃ ବସନ୍ତ କୁମାର ରଥ, ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶ୍ରୀ ଶରତ କୁମାର ପ୍ରଧାନ, ପ୍ରାନ୍ତ ସହ ସମ୍ପାଦକ ତଥା ବର୍ଗ ଅଧିକାରୀ ଡଃ ଅରୁଣ ପ୍ରସାଦ ପାଢ଼ୀ, ଶ୍ରୀ ଉମାଶଙ୍କର ଆଚାର୍ଯ୍ୟ, ବଜରଙ୍ଗ ଦଳ ପ୍ରାନ୍ତ ସଂଯୋଜକ ଶ୍ରୀ ପ୍ରଭାତ ଭୂଷଣ ତ୍ରିପାଠୀ, ସର୍ବବ୍ୟବସ୍ଥା ପ୍ରମୁଖ ତଥା ଓଡିଶା ବଜରଙ୍ଗ ଦଳ ପ୍ରାନ୍ତ ସହ ସଂଯୋଜକ ଇଂ.ରାଜୀବ ନେତ୍ର ଖାଡ଼ଙ୍ଗା, ଅକ୍ସଫୋର୍ଡ ପବ୍ଲିକ ସ୍କୁଲ ପ୍ରତିଷ୍ଠାତା ତଥା ବିଶ୍ୱହିନ୍ଦୁ ପରିଷଦ ପ୍ରାନ୍ତ ଅଧିକାରୀ ଇଂ.ଅଶୋକ କୁମାର ପାଳ ପ୍ରମୁଖ ଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବଜରଙ୍ଗ ଦଳ ପ୍ରାନ୍ତୀୟ ଶୌର୍ଯ୍ୟ ପ୍ରଶିକ୍ଷଣ ଶିବିର ୨୦୨୬ର ଉଦଘାଟନ କରାଯାଇଥିଲା ଉକ୍ତ ଶିବିରରେ ଓଡ଼ିଶା ପୂର୍ବ ପ୍ରାନ୍ତ ର ୨୧ ଜିଲ୍ଲା ରୁ ଶତାଧିକ ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ । ଏହି ପ୍ରଶିକ୍ଷଣ ଶିବିର ୦୪ ମେ ରୁ ୧୧ ମେ ପର୍ଯ୍ୟନ୍ତ ଶିକ୍ଷାର୍ଥୀ ମାନଙ୍କୁ ଶାରୀରିକ, ମାନସିକ ଓ ବୌଦ୍ଧିକ ର ବିକାଶ ଦୃଷ୍ଟିରୁ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ବର୍ଗରେ ବର୍ଗ ପ୍ରମୁଖ ଡଃ ଅରୁଣ ପ୍ରସାଦ ପାଢ଼ୀ, ମୁଖ୍ୟ ଶିକ୍ଷକ ଶ୍ରୀ ଅସିତ୍ କୁମାର ସ୍ୱାଇଁ, ବୌଦ୍ଧିକ ପ୍ରମୁଖ ଶ୍ରୀ ଶ୍ୟାମସୁନ୍ଦର ସାହୁ ସଞ୍ଚାଳନ କରିବା ସହ ସର୍ବ ବ୍ୟବସ୍ଥା ପ୍ରମୁଖ ଇଂ.ରାଜୀବ ନେତ୍ର ଖାଡ଼ଙ୍ଗା, ଜିଲ୍ଲା ସମ୍ପାଦକ ଶ୍ରୀ ଜି.ଶ୍ରୀନିବାସ ଆଚାରୀ, ଜିଲ୍ଲା ସଂଯୋଜକ ଶ୍ରୀ ଅଜୟ ବେହେରା, ବିଶ୍ୱ ହିନ୍ଦୁ ପରିଷଦ ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ରମାକାନ୍ତ ରଥ, ମହାନଗର ସଭାପତି ଶ୍ରୀ ଉମାଶଙ୍କର ପାତ୍ର, ମହାନଗର ଉପସଭାପତି ଶ୍ରୀ ସୂର୍ଯ୍ୟ ନାରାୟଣ ଚୌଧୁରୀ, ଜିଲ୍ଲା ସାମାଜିକ ସମରସତା ପ୍ରମୁଖ ଡଃ ରବିନାରାୟଣ ବେହେରା, ପ୍ରମୁଖ ବର୍ଗର ବ୍ୟବସ୍ଥା ପକ୍ଷ ସମ୍ଭାଳିଥିଲେ । ୧୧ ମେ ଅପରାହ୍ନ ରେ ଶିବିରର ଉଦଯାପନୀ ସମାରୋହରେ ଏହି ୭ଦିନ ର ସମସ୍ତ ଶିକ୍ଷଣୀୟ ବିଷୟ କୁ ନେଇ ଲିଖିତ ଓ ମୌଖିକ ପରୀକ୍ଷା, ଶାରୀରିକ ପ୍ରଦର୍ଶନ କରାଯାଇଥିଲା ପରେ ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରୀୟ ସହ ସଂଗଠନ ମନ୍ତ୍ରୀ ମାନନୀୟ ବିନାୟକ ରାଓ ଦେଶ ପାଣ୍ଡେ ଙ୍କ ବୌଦ୍ଧିକ ମାଧ୍ୟମରେ ସମାପନ କରାଯାଇଥିଲା । ବଜରଙ୍ଗ ଦଳର ଧ୍ୟେୟ ବାକ୍ୟ ସେବା, ସୁରକ୍ଷା ଓ ସଂସ୍କାର କୁ ନେଇ ଯୁବପିଢି ଆଗାମୀ ଦିନରେ ଦେଶମାତୃକାର ସେବା ନିଜକୁ ନିୟୋଜିତ କରିବା ପାଇଁ ଶିକ୍ଷାର୍ଥୀ ମାନେ ଶପଥ ନେଇଥିଲେ । ଏହି ଶିବିର ସମାପନ ସମାରୋହ ରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଗଠନ ର ବିଭାଗ ସଂଘ ଚାଳକ ମାନନୀୟ ଡ଼ଃ ଭଗବାନ ତ୍ରିପାଠୀ, ଗଞ୍ଜାମ ଜିଲ୍ଲା ସଂଘ ଚାଳକ ମାନନୀୟ ଡ଼ଃ ପ୍ରଶାନ୍ତ କୁମାର ପତି, ବ୍ରହ୍ମପୁର ନଗର ସଂଘଚାଳକ ସନ୍ତୋଷ କୁମାର ସାହୁ, ବ୍ରହ୍ମପୁର ମହାନଗର କାର୍ଯ୍ୟବାହ ମାନନୀୟ ସୁରେଶ କୁମାର ବିଷୋୟୀ, ଗଞ୍ଜାମ ଜିଲ୍ଲା ପ୍ରଚାରକ ଶ୍ରୀଯୁକ୍ତ ରଶ୍ମି ଗୌଡ଼ ଏବଂ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ବ୍ରହ୍ମପୁର ମହାନଗର ର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ଅକ୍ସଫୋର୍ଡ ପବ୍ଲିକ ସ୍କୁଲ ର ସମସ୍ତ କର୍ମକର୍ତ୍ତା ବୃନ୍ଦ ଯୋଗ ଦେଇଥିଲେ । ଏହି ଶିବିର ରେ ପରିବହନ, ବାଣିଜ୍ୟ ଏବଂ ଖଣି ମନ୍ତ୍ରୀ ଶ୍ରୀଯୁକ୍ତ ବିଭୁତି ଭୁଷଣ ଜେନା, ଛତ୍ରପୁର ବିଧାୟକ ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର ଏବଂ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

### ମୋରମ ମାଫିଆଙ୍କ ଆତଙ୍କରାଜ

# କନିଷ୍ଠ ଖଣି ଅଧିକାରୀଙ୍କୁ ଆକ୍ରମଣ

■ ଜୀବନରୁ ମାରି ଦେବାକୁ ଧମକ



**ବାଲେଶ୍ୱର:** ମୋରମ ମାଫିଆଙ୍କ ଆତଙ୍କରାଜ, କନିଷ୍ଠ ଖଣି ଅଧିକାରୀ ସଂଘବଦ୍ଧ ଆକ୍ରମଣ । ଟେକା ଓ ପଥର ଫିଙ୍ଗି ଗାଡି କାଚ ଭାଙ୍ଗିଲେ । ଜୀବନରୁ ମାରିଦେବାକୁ ଦେଲେ ଧମକ । ଗତକାଲି ବିଳମ୍ବିତ ରାତିର ଘଟଣା । ବାଲେଶ୍ୱର ସୁନ୍ଦରପୁର ଅଂଚଳରେ କନିଷ୍ଠ ଖଣି ଅଧିକାରୀ ଅଭିଷେକ ବେହେରାଙ୍କୁ ମରଣାନ୍ତକ ଆକ୍ରମଣ । ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ଖଇରା ସୁନ୍ଦରପୁର ଅଞ୍ଚଳରେ ମାଫିଆ ମାନେ ବେଆଇନ ଲଘୁ ଖଣିଜ ସମ୍ପଦ ଉତ୍ତୋଳନ କରୁଥିଲେ । ଖବର ପାଇ ଘଟଣାସ୍ଥଳରେ ତୁରନ୍ତ ଚଢ଼ାଉ କରିଥିଲେ ଖଇରା କନିଷ୍ଠ ଖଣି ଅଧିକାରୀ ଅଭିଷେକ ବେହେରା । ତାଙ୍କୁ ଦେଖି ମାଫିଆ ମାନେ ଅତର୍କିତ ଆକ୍ରମଣ କରିଥିଲେ ମାଫିଆମାନେ କ୍ଷ କନିଷ୍ଠ ଖଣି ଅଧିକାରୀଙ୍କ ଗାଡ଼ିକୁ ଟେକା ପଥର ମାରି କାଚ ଭଙ୍ଗାରୁଜା କରିଥିଲେ । ଏମିତିକି ତାଙ୍କୁ ଜୀବନ ମାରିଦେବାକୁ ଧମକ ମଧ ଦେଇଥିଲେ । ସେ ବଞ୍ଚାଇ ଘଟଣାସ୍ଥଳରୁ ପଳାଇ ଆସିଥିଲେ । ଖଇରା ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

# ଜିଲ୍ଲାସ୍ତରୀୟ ସୁନାମୀ ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ


**ବାଲେଶ୍ୱର :** ପୂର୍ବାହ୍ନରେ ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ହିଡ଼ିଗାଁ ଗ୍ରାମ ପଂଚାୟତର ହିଡ଼ିଗାଁ ଓ ଗୁଡୁପାହି ଗ୍ରାମ ପଂଚାୟତର ଗୁଡୁପାହି ଗ୍ରାମଠାରେ ଜିଲ୍ଲାସ୍ତରୀୟ, ସୁନାମି ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି ।ଗୁଡୁପାହି ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲକୁ ଜ଼ିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ସାଇ କୃଷ୍ଣ ଜେନା ଉଦଘାଟନ କରିଥିଲେ । ସୁନାମି ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିପରି ବିଭିନ୍ନ ଉପାୟରେ ଉଦ୍ଧାର କରାଯାଇପାରିବ ଏବଂ ଧନଜୀବନ କ୍ଷୟକ୍ଷତିକୁ ରୋକି ହେବ ସେଥିପ୍ରତି ଦୃଷ୍ଟି ଦେବା ଉପରେ ଜ଼ିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ସାଇ କୃଷ୍ଣ ଜେନା ଗୁରୁତ୍ୱାରୋପ କରିଥିଲେ । ଜନସାଧାରଣଙ୍କୁ ଏ ଦିଗରେ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ବାଲେଶ୍ୱର ଜିଲ୍ଲା ର ସଦର ବ୍ଲକର ଦୁଇଗୋଟି ଗ୍ରାମ ଯଥା ଗୁଡୁପାହି ଓ ହିଡିଗାଁ ଗ୍ରାମରେ ମକଡ୍ରିଲ ଅନୁଷ୍ଠିତ ହୋଇଥିବା ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ କୁହାଯାଇଛି । ଗୁଡୁପାହି ଓ ହିଡ଼ିଗାଁବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲରେ ଏନ.ଡି.ଆର.ଏଫ., ଓ.ଡ୍ରା.ଫ ବାହିନୀ, ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିଭଳି ଉଦ୍ଧାର କରାଯାଇଥାଏ, ସେ ସମ୍ପର୍କିତ କୌଶଳ ପ୍ରଦର୍ଶିତ ହୋଇଥିଲା । ଏନ.ଡି.ଆର.ଏଫ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ ଉପକରଣ ପ୍ରଦର୍ଶନ କରିଥିଲେ ଏବଂ ସେ ଗୁଡିକର କାର୍ଯ୍ୟକ୍ଷମତା ବାବଦରେ ଅବଗତ କରାଇଥିଲେ । ଓସଡାମା (OSDMA) ସହଯୋଗରେ ଅନୁଷ୍ଠିତ ଏହି ମକଡ୍ରିଲରେ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ଓସଡାମା (OSDMA) କାର୍ଯ୍ୟାଳୟରୁ ଆସିଥିବା ପର୍ଯ୍ୟବେକ୍ଷକ ଓ କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ମେଘନାଦ ବେହେରା ଉପସ୍ଥିତ ରହି ନିଜର ପ୍ରତିକ୍ରିୟା ରଖିଥିଲେ । ଜିଲ୍ଲାସ୍ତରୀୟ ମକଡ୍ରିଲ୍ କାର୍ଯ୍ୟକ୍ରମରେ , ହିଡ଼ିଗାଁ ଓ ଗୁଡୁ ଗ୍ରାମ ପଂଚାୟତର ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ତଥା ସରପଞ୍ଚ, ଅତିରିକ୍ତ ଗୋଷ୍ଠୀ ଉନୟନ୍ନ ଅଧିକାରୀ, ବାଲେଶ୍ୱର ସଦର ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ବାଲେଶ୍ୱର , ଶ୍ରୀ ସାଇ କୃଷ୍ଣ ଜେନା, ଏନ.ଡି.ଆର.ଏଫ. ଟିମ କମାଣ୍ଡର, ଅଗ୍ନିଶମ ବିଭାଗୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପର୍କ ର ସମ୍ପାଦକ ଶ୍ରୀ ପ୍ରଦୀପ ଜେନା ଉପସ୍ଥିତ ରହି ମକଡ୍ରିଲ ସଂପର୍କରେ ଜନସାଧାରଣଙ୍କୁ ସୂଚନା ଦେଇଥିଲେ । ଜିଲ୍ଲା ପ୍ରକଳ୍ପ ସଂଯୋଜକ(ଓସଡାମା) ଶ୍ରୀ ଅବନୀକାନ୍ତ ଭୂୟାଁ ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ।




# ଜମି ବିକ୍ରୟ କରିବା ଅଭିଯୋଗରେ ଜଣେ ଦଲାଲ ଗିରଫ

**ବ୍ରହ୍ମପୁର :** ସ୍ଥାନୀୟ ନିମଖଣ୍ଡି ଥାନା ପୋଲିସ ପକ୍ଷରୁ ଜଣେ ଜମି ଦଲାଲକୁ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଛି । ଲୋଚାପଡ଼ା ଗ୍ରାମ ନିବାସୀ ବି. ନରସିଂହ ପାତ୍ରଙ୍କ ଅଭିଯୋଗ କ୍ରମେ ବ୍ରଜନଗର ପ୍ରଥମ ଲାଇନ୍ ନିବାସୀ ୫୨ ବର୍ଷିର୍ୟ ରାଜୀବ କୁମାର ତ୍ରିପାଠୀକୁ ଗିରଫ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ୍ ଏମ୍ ସୂଚନା ଦେଇଛନ୍ତି । ଗିରଫ ହୋଇଥିବା ରାଜୀବ ଠାରୁ ପୋଲିସ ମୃତ୍ୟୁକାଳୀନ ପ୍ରମାଣ ପତ୍ର ଓ ନକଲି ଦସ୍ତାବିଜ ଜବତ କରିଛି । ଭାବିନୀପୁର ମୌଜା ଠାରେ ବେଆଇନ୍ ଭାବେ ଏପରି ଜମି ବିକ୍ରି କରୁଥିବା ଅଭିଯୋଗରେ ରାଜୀବକୁ ଗିରଫ କରାଯାଇଥିବା ଏଠାରେ କୁହାଯାଇଛି । ଏ ସଂକ୍ରାନ୍ତରେ ପୋଲିସ ଅଧିକ ରୁ ଅଧିକ ତଦନ୍ତ ଜାରି ରଖିଥିବା ବେଳେ ନିମଖଣ୍ଡି ଥାନା କେସ୍ ନଂ ୧୪୩/୨୬ରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତକୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ନେଇ ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ୍ ଏମ୍ ଆହୁତ ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି ।

# ସ୍ନାତକ ପରୀକ୍ଷାରେ ସଫଳତା



**ବେଗୁନିଆପଡା :** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ର ଚଳିତ ବର୍ଷ ଯୁକ୍ତ ତିନି ସ୍ନାତକ ପରୀକ୍ଷା ଫଳ ପ୍ରକାଶ ପାଇଛି । ବିଭିନ୍ନ ବିଭାଗରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ଦଶଜଣ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ଯଥାକ୍ରମେ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ, କୋଦଳାର ଓଡ଼ିଆ ବିଭାଗୀୟ ଛାତ୍ରୀ ସୁଶ୍ରୀ ସାଗରୀ ସାହୁ ତୃତୀୟ ସ୍ଥାନ ଏବଂ ରାଜନୀତି ବିଜ୍ଞାନ ବିଭାଗର ଛାତ୍ରୀ ସୁଶ୍ରୀ ବିଜୟଲକ୍ଷ୍ମୀ ମୁନି ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି । ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ରଘୁନାଥ ମୁଦୁଲି ଅତ୍ୟନ୍ତ ଖୁସି ହେବା ସହ ଏ ସଫଳତା ର ଶ୍ରେୟ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ଦେଇଛନ୍ତି ଫଛାତ୍ରୀଙ୍କ ଏ ସଫଳତା କୋଦଳା ସହରରେ ଏକ ଖୁସିର ବାତାବରଣ ଆଣିଦେଇଛି ।

# ବାଲେଶ୍ୱରରେ କିନ୍ନର ସଂଘ ପକ୍ଷରୁ ସାବିତ୍ରୀବ୍ରତ ପାଳିତ

**ବାଲେଶ୍ୱର :** ପ୍ରତିବର୍ଷ ଜ୍ୟେଷ୍ଠ ମାସ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ଓଡ଼ିଆ ଘରର ସଧବା ନାରୀମାନେ ନିଜ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ସାବିତ୍ରୀ ବ୍ରତ ପାଳନ କରୁଥିବାବେଳେ କିନ୍ନର ସମାଜ ମଧ୍ୟ ନିଜ ଗୁରୁଙ୍କ ଦୀର୍ଘାୟୁ ଓ ସୁସ୍ଥତା କାମନା କରି ଏହି ପବିତ୍ର ବ୍ରତ ପାଳନ କରିଛନ୍ତି । ଏହି ଅବସରରେ ବାଲେଶ୍ୱର ଓମ୍ ଲୋକନାଥ କିନ୍ନର ସଂଘ ପକ୍ଷରୁ ସହରର ସହଦେବଖୁଣ୍ଟାସ୍ଥିତ ଓମ୍ ଲୋକନାଥ ମନ୍ଦିରରେ ଭକ୍ତିଭାବର ସହ ସାବିତ୍ରୀ ବ୍ରତ ପାଳନ କରାଯାଇଥିଲା । ପୁରାଣ ଅନୁଯାୟୀ ସାବିତ୍ରୀ ନିଜ ସ୍ୱାମୀ ସତ୍ୟବାନଙ୍କୁ ଯମରାଜଙ୍କ ନିକଟରୁ ଫେରାଇ ଆଣିଥିବା କଥାକୁ ସ୍ମରଣ କରି କିନ୍ନରମାନେ ନିଜ ଗୁରୁଙ୍କ ଦୀର୍ଘ ଜୀବନ କାମନାରେ ଏହି ବ୍ରତ ପାଳନ କରିଥିଲେ ।ସକାଳୁ ସକାଳୁ ନୂତନ ବସ୍ତ୍ର ପରିଧାନ କରି କିନ୍ନରମାନେ ଭୋଗ ଡାଲା ଧରି ଲୋକନାଥ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ । ପୂଜା ପରେ ଗୁରୁଙ୍କ ଦୀର୍ଘାୟୁ କାମନା କରି ପ୍ରାର୍ଥନା କରିବା ସହ ପଦବନ୍ଦନା କରି ଆଶୀର୍ବାଦ ଗ୍ରହଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଓମ୍ ଲୋକନାଥ କିନ୍ନର ସଂଘର ବହୁ ସଦସ୍ୟା ଅଂଶଗ୍ରହଣ କରିଥିଲେ ।



# କଂଗ୍ରେସ ପକ୍ଷରୁ ୩୩% ମହିଳା ସରଂକ୍ଷଣ ଆଇନ ଲାଗୁ କରିବା ଦାବିରେ ମଶାଲ ଶୋଭାଯାତ୍ରା

**କୋଟପାଡ଼ୁ :** ଆଜି କୋଟପାଡ଼ କଂଗ୍ରେସ କାର୍ଯ୍ୟାଳୟ ଠାରେ କୋଟପାଡ଼ କଂଗ୍ରେସ ପକ୍ଷରୁ ୩୩% ମହିଳା ସଂରକ୍ଷଣ ଆଇନ ଲାଗୁ କରିବା ଦାବିରେ ମଶାଲ ଶୋଭାଯାତ୍ରା କରାଯାଇଥିଲା,କୋଟପାଡ଼ ଅଞ୍ଚଳର ଟାଉନ କଂଗ୍ରେସ ସଭାପତି ମଣି ପ୍ରସାଦ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ହଜାର ହଜାର ମହିଳା ସମାବେଶରେ କୋଟପାଡ଼ ନିର୍ବାଚନ ମଣ୍ଡଳୀର ସମସ୍ତ ମହିଳାମାନେ ଉପସ୍ଥିତ ରହି ନିଜର ହୋକ ପାଇଁ ରାଜ ରାସ୍ତାରେ ଓଲ୍ହେଇ ଥିଲେ,ଆଜି କାର୍ଯ୍ୟକ୍ରମ ପ୍ରାରମ୍ଭରେ କୋଟପାଡ଼ କଂଗ୍ରେସ ଅଫିସ ଠାରୁ ବାହାରି ମଶାଲ ରାଲି ସହିତ ଗାନ୍ଧୀଛକ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇଥିବାର ଦେଖିବାକୁ ମିଳିଥିଲା,ଆଜିର ଏହି ଶୋଭାଯାତ୍ରାରେ କଂଗ୍ରେସ ମହିଳା ମୋର୍ଚ୍ଚାର ମୀରା ଚଲାଣ, କୁସୁମି ସରପଞ୍ଚ ସନମତି ଗାଦବା, ସମିତି ସଭ୍ୟ ଜାନକୀ ଭତରା,୮ ନଂ ୱାର୍ଡ ମେମ୍ବର ସଲମା ବେଗମ,ଲେମ୍ପସ ସଭାପତି କମଳା ଭତରା,କୋଟପାଡ଼ ଏନ ଏ ସି ଅଧ୍ୟକ୍ଷ ଏମ ଶଙ୍କର ରାଓ, ଟାଉନ ସଭାପତି ମଣି ପ୍ରସାଦ ପଟ୍ଟନାୟକ, କୋଟପାଡ଼ ବିଧାନସଭା ଅବଜେର୍ବ ସତ୍ୟ ମହାନ୍ତି, କୋଟପାଡ଼ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅନାମୁ ଦିଆନ, ବରିଷ୍ଠ କଂଗ୍ରେସ ନେତା ଜିତେନ୍ଦ୍ର ମହାପାତ୍ର, ମନୋହର ବିଶୋଇ,ବ୍ଲକ ସଭାପତି ଘନଶ୍ୟାମ ବିଶୋଇ,ଶଙ୍କର ପଣ୍ଡା, ବୁଲୁ ବ୍ରହ୍ମା, ସନ୍ତୋଷ ମିଶ୍ର, ମୁନା ଖାନ, ନବୀନ ବିଶୋଇ, ୱାର୍ଡମେମ୍ବର ସୟଦ ୟୁସୁଫ, ଟିକୁ ବିଶୋଇ, ଯେ ବାନାର୍ଜୀ ରାଓ, ଏମ ଡ଼ି ସଫସେଲ,ଏମ ଡ଼ି କାଲୁ, ପୁରନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ, ବିଶେଷ କରି କୋଟପାଡ଼ ନିର୍ବାଚନ ମଣ୍ଡଳୀର ୱାର୍ଡ ମେମ୍ବର, ସରପଞ୍ଚ ଓ ସମିତିସଭ୍ୟ, ସଭ୍ୟାମାନେ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା, ଆଜିର ଏହି ମଶାଲ ଶୋଭାଯାତ୍ରାରେ କୋଟପାଡ଼ କଂଗ୍ରେସର ହଜାର ହଜାର ମହିଳା କର୍ମୀ ମାନେ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରା ସହିତ କଂଗ୍ରେସ ଦଳର ଜୟଗାନ କରି ବିକ୍ଷୋଭ କରିଥିବାର ଦେଖିବାକୁ ମିଳିଥିଲା ।




### ଜଳ ସଂକଟ ଦୂର ପାଇଁ

# ବିଭାଗୀୟ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଲେ ଭୋଗରାଇ ବିଧାୟକ

**ବାଲେଶ୍ୱର :** ଏବେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଏଥିପାଇଁ ଭୂତଳ ଜଳସ୍ତର କମିଯିବା ସହିତ ଭୋଗରାଇର ବିଭିନ୍ନ ଗାଁ ଗୁଡ଼ିକରେ ପାନୀୟ ଜଳର ସଙ୍କଟ ଦେଖାଦେଇଛି । ଏହି ସଙ୍କଟ ଦୂର କରିବା ପାଇଁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ବ୍ଲକର ଜଳ ଓ ପରିମଳ ବିଭାଗକୁ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ତେଣୁ ବାଧ୍ୟ ହୋଇ ଭୁବନେଶ୍ୱରସ୍ଥିତ ପାନୀୟ ଜଳ ଯୋଗାଣ ବିଭାଗର ନିର୍ଦ୍ଦେଶକ ବିନୀତ ଭରଦ୍ୱାଜଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିବା ସ ?ହିତ ୬୦ ଲେଖିଛନ୍ତି । ତୁରନ୍ତ ଅର୍ଥ ମଞ୍ଜୁର କରି କାର୍ଯ୍ୟ ଆରମ୍ଭ କରିବାକୁ ସେ ଦୃଢ଼ ଦାବି କରିଥିବା ଜଣାପଡିଛି ।

ଜନ ସଂଖ୍ୟା ଦୃଷ୍ଟିରୁ ଭୋଗରାଇ ରାଜ୍ୟର ସର୍ବ ବୃହତ ବ୍ଲକ । ୫୦ ପଂଚାୟତ ବିଶିଷ୍ଟ ଏହି ବ୍ଲକରେ ୩ଲକ୍ଷ ୫୦ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି । ୩୫୪ ଗାଁ ମଧ୍ୟରୁ ବିଶେଷ କରି ୧୨୩ଟି ଗାଁରେ ପାଣି ସମସ୍ୟା ଅଧ ?ିକ ଉକ୍ଟ ଦେଖିବାକୁ ମିଳେ । ମେଗା ପାଣି ପ୍ରକଳ୍ପ-୧ରେ ଚିରସ୍ରୋତା ସୁବର୍ଣ୍ଣରେଖା ନଦୀରୁ ପାଣି ଉଠାଇ ଆରୁ ହାବୃଦ୍ଧି ନିକଟରେ ବିଶୋଧନ କରି ୨୧ଟି ପଂଚାୟତର ୯୦ଟି ଗାଁକୁ ପାନୀୟ ଜଳ ଯୋଗାଇ ଦିଆଯାଉଛି । ପୁଣି ୨୦୨୧-୨୨ରେ ଆରମ୍ଭ ହୋଇଥିବା ମେଗା-୨ର କାର୍ଯ୍ୟ ଏପର୍ଯ୍ୟନ୍ତ ଶେଷ ହୋଇପାରୁନାହିଁ । ଫଳରେ ଅବଶିଷ୍ଟ ୧୯ ପଂଚାୟତର ୧୨୩ ଗାଁ ପାଣି ପାଇଁ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ସମସ୍ୟାକୁ ଦୃଷ୍ଟିରେ ରଖି ଜଳ ସଂକଟ ଦୂର କରିବା ପାଇଁ ବିଧାୟକ ଶ୍ରୀ ଦାସ ବିଗତ ଏବଂ ଚଳିତ ବର୍ଷ ୧୧ଟି ସ୍ଥାନରେ ଅତିରିକ୍ତ ଜଳ ଉତ୍ସ ସ୍ଥାପନ କରିବାକୁ ପାନୀୟ ଜଳ ବିଭାଗକୁ ପ୍ରସ୍ତାବ ଦେବା ସହିତ ୩୨ଟି ନୂତନ ନଳକୂଅ ପାଇଁ ଚିଠି ଲେଖୁଥିଲେ । ବିଭାଗୀୟ ଯନ୍ତ୍ରୀମାନେ ଉକ୍ତ ସ୍ଥାନ ସବୁର ସ୍ଥିତି ଅନୁଧ୍ୟାନ କରି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଥିଲେ । ମାତ୍ର ପରିତାପର ବିଷୟ ଏକ ବର୍ଷ ପରେ ମଧ୍ୟ ଏହି ଗୁରୁତପୂର୍ଣ୍ଣ ପ୍ରସଙ୍ଗ ଉପରେ ବିଭାଗ ଚୁପ୍ ହୋଇ ବସିଛି । କୌଣସି ଅର୍ଥ ମଞ୍ଜୁର ନହେବାରୁ ଲୋକେ ପାଣି ପାଇଁ ତହଳବିକଳ ହେଉଛନ୍ତି । ତେଣୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ଲୋକଙ୍କୁ ତୁରନ୍ତ ପାନୀୟ ଜଳ ଯୋଗାଇ ଦେବାର ସୁବ୍ୟବସ୍ଥା କରିବା ନିମନ୍ତେ ବିଧାୟକ ଶ୍ରୀ ଦାସ ବିଭାଗୀୟ ନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରିଛନ୍ତି । ତୁରନ୍ତ ଏନେଇ ଅର୍ଥ ମଞ୍ଜୁର କରିବା ସହିତ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ସେ ଦାବି କରିଛନ୍ତି ।



## ଆୟୁଷ ହିତାଧିକାରୀଙ୍କୁ ଶ୍ରୀ ବାଲାଜୀ ହସ୍ପିଟାଲରେ ଟଙ୍କା ଠକେଇ

# ଅଭିଯୋଗ ପରେ ତିନି ଗୁଣା ଟଙ୍କା ଫେରସ୍ତ

- ଭବାନୀପାଟଣା ଶ୍ରୀ ବାଲାଜୀ ହସ୍ପିଟାଲ ନାଁ ରେ ସାଂଘାତିକ ଅଭିଯୋଗ
- ନଗଦ ଟଙ୍କା ସହ ସ୍ୱାସ୍ଥ୍ୟ ବୀମା ଟଙ୍କା ବି ହଡପ କରୁଛି ବାଲାଜୀ ହସ୍ପିଟାଲ




**ଜୁନାଗଡ଼ :** ଭବାନୀପାଟଣା ଶ୍ରୀ ବାଲାଜୀ ହସ୍ପିଟାଲ ନାଁ ରେ ସାଂଘାତିକ ଅଭିଯୋଗ ।ସ୍ୱାସ୍ଥ୍ୟସେବା ନାଁ ରେ ଚାଲିଛି ଲୁଟ । ନଗଦ ଟଙ୍କା ସହ ସ୍ୱାସ୍ଥ୍ୟ ବୀମା ଟଙ୍କା ବି ହଡପ କରୁଛି ବାଲାଜୀ ହସ୍ପିଟାଲ । ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରୁ ମାତ୍ର ୧କିମି ଦୂରରେ ଚାଲିଛି ଏଭଳି ବେଆଇନ କାରବାର । ତଥ୍ୟ ଲୁଚାଇବାକୁ କରୁଛି ଅନେକ ଫନ୍ଦି ଫିକର। ସରକାରୀ ନିୟମକୁ ଫୁ କରି ଚାଲିଛି ଲୁଟ। ପୂର୍ବରୁ ଯାହା ନାଁ ରେ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ମିଥ୍ୟା ରୋଗୀ ଦର୍ଶାଇ ସରକାରୀ ବୀମା ଟଙ୍କା ଲୁଟ ଅଭିଯୋଗ ହେଇଥିଲା ଏବେ ସେଇ ହସ୍ପିଟାଲ ନାଁ ରେ ପୁଣି ଏକ ସଂଗୀନ ଅଭିଯୋଗ ହୋଇଛି। ଆୟୁଷ୍ମାନ କାର୍ଡରେ ଦେୟମୁକ୍ତ ଚିକିତ୍ସା ସେବା ଯୋଗାଇବା ପାଇଁ ସରକାରୀ ବ୍ୟବସ୍ଥା ଥିବାବେଳେ ଏହା ଛୋଟ ହସ୍ପିଟାଲ ହୋଇଥିବାରୁ ଏଥିରେ ଦେୟମୁକ୍ତ ଚିକିତ୍ସା ସମ୍ଭବ ନୁହେଁ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ରୋଗୀଙ୍କୁ ମନା କରିବା ସହ ନଗଦ ଟଙ୍କା ନେଇଛନ୍ତି ।ପୁଣି ଆୟୁଷ୍ମାନ କାର୍ଡରେ ମଧ ବିଲିଂ କରିଥିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି ।ଏନେଇ ପୀଡ଼ିତାଙ୍କ ଭାଇ କଳାହାଣ୍ଡି ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ନୂଆପଡ଼ା ଜିଲ୍ଲା ସିନାପାଲିର ସବିତା ମୁଣ୍ଡ ନାମ୍ନୀ ଜଣେ ୭୦ ବର୍ଷୀୟା ମହିଳା ତାଙ୍କର ଇଣ୍ଟରଟ୍ରୋଚାଣ୍ଟାରିକ ଫ୍ରାକଚର ପାଇଁ ଗତ ମେ ୨ ତାରିଖରେ ଭବାନୀପାଟଣା ସ୍ଥିତ ଶ୍ରୀ ବାଲାଜୀ ହସ୍ପିଟାଲରେ ଆଡମିଟ ହୋଇଥିଲେ। ତାଙ୍କର ଅପରେସନ (ସର୍ଜରୀ) ହେବ ବୋଲି ଡାକ୍ତର କହିଥିଲେ। ସେ ଜଣେ ଆୟୁଷ କାର୍ଡ ହିତାଧିକାରୀ । ତେଣୁ ଆୟୁଷ କାର୍ଡ ମାଧ୍ୟମରେ ଦେୟମୁକ୍ତ କରିବାକୁ ତାଙ୍କ ଭାଇ ତ୍ରିବିକ୍ରମ ଯୋଷୀ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ କିନ୍ତୁ ତାହା ମନା କରିଦେଇଥିଲେ। ତାଙ୍କର ଛୋଟ ହସ୍ପିଟାଲ। ତାହା କେବଳ ୧୦୦ ଶଯ୍ୟା ରୋଗୀ ସେବା ଥିବା ହସ୍ପିଟାଲରେ ଉପଲବ୍ଧ ହେତୁ ସର୍ଜରୀ ପୂର୍ବରୁ ଆବଶ୍ୟକ ସାମଗ୍ରୀ ଯଥା ରକ୍ତ ପରୀକ୍ଷା,ବେଡ ଚାର୍ଜ,ଔଷଧ ଆଦି ସେମାନେ ଦେୟମୁକ୍ତ କରିପାରିବେ ନାହିଁ ବୋଲି ରୋଗୀଙ୍କ ପରିବାରକୁ ମନା କରିଥିଲେ ଏବଂ ଏଥିପାଇଁ ନଗଦ ଟଙ୍କା ଦେବାକୁ କହିଥିଲେ। ବାଧ୍ୟ ହୋଇ ପରିବାର ଲୋକ ନଗଦ ରାଶି ଦେଇଥିଲେ। ମେ ୮ ତାରିଖରେ ତାଙ୍କ ଅପରେସନ ହୋଇଥିଲା। ୧୦ ଦିନ କାଳ ତାଙ୍କୁ ହସ୍ପିଟାଲ ରେ ରଖିଥିଲେ ଏବଂ ତାଙ୍କ ଠାରୁ ମୋଟ ୪୧ ହଜାର ୩୭୮ଟଙ୍କା ନଗଦ ରାଶି ନେଇଥିଲେ। ପୁଣି ମେ ୧୦ ତାରିଖରେ ଆୟୁଷ କାର୍ଡରୁ ୨୬୯୦୦ଟଙ୍କା କାଟିଥିଲେ। ତେବେ ଶ୍ରୀ ଯୋଶୀଙ୍କ ଅଭିଯୋଗ ଅନୁଯାୟୀ ରୋଗୀଙ୍କୁ ମେ ୧୧ତାରିଖରେ ହସ୍ପିଟାଲରୁ ଡିସଚାର୍ଜ କରାଯାଇଥିଲେ ହେଁ ତଥ୍ୟକୁ ଲୁଚାଇବା ପାଇଁ ମେ ୧୦ ତାରିଖରେ ଆୟୁଷ କାର୍ଡରୁ ୨୬୯୦୦ ଟଙ୍କା ବିଲ କରିଥିଲେ। ନିୟମାନୁଯାୟୀ ରୋଗୀଙ୍କ ଡିସଚାର୍ଜ ଦିନ ହିଁ ଫାଇନାଲ ବିଲିଂ ହୋଇଥାଏ ଏବଂ ସ୍ୱାସ୍ଥ୍ୟ ବୀମାଭୁକ୍ତ ହୋଇଥିଲେ ରୋଗୀ ହସ୍ପିଟାଲ ଆଡମିଟ ପରେ ଯାହାବି ପରୀକ୍ଷା କିମ୍ବା ଚିକିତ୍ସା ହୋଇଥାଏ ତାହା ବୀମାଭୁକ୍ତ ହୋଇଥାଏ। ଏ କ୍ଷେତ୍ରରେ କିନ୍ତୁ ହସ୍ପିଟାଲ କର୍ତ୍ତୃପକ୍ଷ ନିୟମର ସଂପୂର୍ଣ୍ଣ ଉଲଂଘନ କରିଛନ୍ତି। ନଗଦ ରାଶି ସହ ଆୟୁଷ କାର୍ଡର ବୀମା ରାଶି ମଧ ହଡପ କରିଥିବା ନେଇ ଶ୍ରୀ ଯୋଶୀ କଳାହାଣ୍ଡି ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସେ କାର୍ଡ ରୁ ନେଇ ଥିବା ଟଙ୍କା ର ତିନି ଗୁଣା ଅର୍ଥ ପେନାଲ୍ଟି ଆକାରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଫେରସ୍ତ କରିଛୁ ବୋଲି ପ୍ରକାଶ କରିଥିଲେ।

## ସକ୍ଷୀ ଫାଉଣ୍ଡେସନ୍ ପକ୍ଷରୁ ସାବିତ୍ରୀବ୍ରତ ପାଳନ

**ବ୍ରହ୍ମପୁର :** ସ୍ଥାନୀୟ ଲାଞ୍ଜିପଲ୍ଲୀସ୍ଥିତ କୃଷ୍ଣନଗର ପ୍ରଥମ ଲାଇନ୍ ଠାରେ ସକ୍ଷୀ ଫାଉଣ୍ଡେସନ୍ ତଥା କିନ୍ନର ସଂଘ ପକ୍ଷରୁ ସାବିତ୍ରୀ ବ୍ରତ ମହାସମାରୋହରେ ପାଳନ କରାଯାଇଥିଲା । ସମସ୍ତ ଓଡ଼ିଶାବାସୀଙ୍କ ସୁଖ କାମନା ପାଇଁ ଏପରି କିନ୍ନରମାନେ ବ୍ରହ୍ମପୁରରେ ଦୀର୍ଘ ବର୍ଷ ଧରି ସାବିତ୍ରୀ ବ୍ରତ ପାଳନ କରି ଆସୁଛନ୍ତି । କିଛି କିନ୍ନରମାନେ ଘରେ ଘରେ ଏବଂ ଅନ୍ୟ କିଛି କିନ୍ନରମାନେ ମନ୍ଦିରଗୁଡ଼ିକରେ ମଧ ଏହି ବ୍ରତ ପାଳନ କରିଥାନ୍ତି । ନିଜର ଗୁରୁଙ୍କୁ ସମ୍ମାନ ଜଣାଇ ଏହି ବ୍ରତ ପାଳନ କରି କିନ୍ନରମାନେ ବେଶ୍ ଖୁସି ଅନୁଭବ କରିଛନ୍ତି । ସକ୍ଷୀ ଫାଉଣ୍ଡେସନ୍ ତଥା କିନ୍ନର ମହାସଂଘର ସଭାପତି ସୁଇଟି ସାହୁଙ୍କ ନିର୍ଦ୍ଦେଶକ୍ରମେ କିନ୍ନର କାଜଲ, ମିନୁ, ଅଙ୍କିତା, ବର୍ଷା, ସ୍ୱପ୍ନା, ଶିବାନୀ, ପିଙ୍କି ସମେତ ବହୁ କିନ୍ନରମାନେ ଉପସ୍ଥିତଥିଲେ ।

## ମହିଳା ପକ୍ଷରୁ ସାବିତ୍ରୀ ବ୍ରତ ପାଳିତ



**ବ୍ରହ୍ମପୁର :** ମହାନଗର ନିଗମ ବ୍ରହ୍ମପୁର ସହର ତଥା ଏହାର ଆଖପାଖ ଅଞ୍ଚଳରେ ଶନିବାର ସଧବା ମହିଳାମାନଙ୍କ ଦ୍ୱାରା ପବିତ୍ର ସାବିତ୍ରୀ ବ୍ରତ ପାଳନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ନୂଆବସ୍ଷ୍ଟାଣ୍ଡସ୍ଥିତ ଅରବିନ୍ଦ ନଗର ପ୍ରଥମ ଲାଇନ୍ଠାରେ ବହୁ ମହିଳା ଉପସ୍ଥିତ ରହି ସାମୁହୀକ ଭାବେ ଏହି ସାବିତ୍ରୀ ବ୍ରତ ପାଳନ କରିଥିଲେ । ସାଧାରଣତଃ ଏହି ବ୍ରତରେ ମହିଳାମାନେ ନିଜ ନିଜ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ଉପବାସ ରହିଥାନ୍ତି । ଏହି ଅବସରରେ ମହିଳା ଓ ପୁରୁଷମାନେ ନୂତନ ବସ୍ତ୍ର ପରିଧାନ କରିଥାନ୍ତି । ବିଶେଷ କରି ବହୁ ମହିଳାମାନେ ସାମୁହିକ ଏବଂ ମନ୍ଦିରରେ ମଧ ଏହି ବ୍ରତ ପାଳନ କରିଥାନ୍ତି । ବିଭିନ୍ନ କିସମର ଫଳମୂଳ ପୂଜା କରି ପାଦରେ ଅଳତା, ମଥାରେ ସିନ୍ଦୁର ଓ ଶଙ୍ଖା ଚୁଡ଼ି ପରିଧାନ କରିବା ସହ ସଧବା ମହିଳାମାନେ ଏହି ବ୍ରତ କରି ବେଶ ଖୁସି ଅନୁଭବ କରିଛନ୍ତି । ଆଜିର ଏହି ସାବିତ୍ରୀ ବ୍ରତ ପୂଜା କାର୍ଯ୍ୟକ୍ରମରେ ପଣ୍ଡିତ ସୁଧାଂଶୁ ଶେଖର ତ୍ରିପାଠୀ, ଚନ୍ଦନା ମିଶ୍ର, ଦୀପ୍ତିମୟୀ ଦାଶ, ଅନୁପମା ତ୍ରିପାଠୀ, ସୁନୀତା ତ୍ରିପାଠୀ, ସ୍ମିତାରାଣୀ ମିଶ୍ର, ସ୍ନେହାଞ୍ଜଳି ଆଚାର୍ଯ୍ୟ, ସରୋଜିନୀ ପାଣିଗ୍ରାହୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମହିଳାମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ଜଳ ସଂକଟ ଦୂର ପାଇଁ ବିଭାଗୀୟ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଲେ ଭୋଗରାଇ ବିଧାୟକ

**ବାଲେଶ୍ୱର :** ଏବେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏଥିପାଇଁ ଭୂତଳ ଜଳସ୍ତର କମିଯିବା ସହିତ ଭୋଗରାଇର ବିଭିନ୍ନ ଗାଁ ଗୁଡ଼ିକରେ ପାନୀୟ ଜଳର ସଙ୍କଟ ଦେଖାଦେଇଛି। ଏହି ସଙ୍କଟ ଦୂର କରିବା ପାଇଁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ବ୍ଲକର ଜଳ ଓ ପରିମଳ ବିଭାଗକୁ ବାରମ୍ବାର ଦାବି କରି ଆସୁଥିଲେ ମଧ କୌଣସି ସୁଫଳ ମିଳିନାହିଁ । ତେଣୁ ବାଧ୍ଯ ହୋଇ ଭୁବନେଶ୍ୱରସ୍ଥିତ ପାନୀୟ ଜଳ ଯୋଗାଣ ବିଭାଗର ନିର୍ଦ୍ଦେଶକ ବିନୀତ ଭରଦ୍ୱାଜଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିବା ସ ?ହିତ ୬୦ ଲେଖୁଛନ୍ତି । ତୁରନ୍ତ ଅର୍ଥ ମଞ୍ଜୁର କରି କାର୍ଯ୍ୟ ଆରମ୍ଭ କରିବାକୁ ସେ ଦୃଢ ଦାବି କରିଥିବା ଜଣାପଡିଛି । ଜନ ସଂଖ୍ୟା ଦୃଷ୍ଟିରୁ ଭୋଗରାଇ ରାଜ୍ୟର ସର୍ବ ବୃହତ ବ୍ଲକ। ୫୦ ପଂଚାୟତ ବିଶିଷ୍ଟ ଏହି ବ୍ଲକରେ ୩ଲକ୍ଷ ୫୦ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି । ୩୫୪ ଗାଁ ମଧ୍ୟରୁ ବିଶେଷ କରି ୧୨୩ଟି ଗାଁରେ ପାଣି ସମସ୍ୟା ଅଧ ?କ ଉତ୍କଟ ଦେଖିବାକୁ ମିଳେ। ମେଗା ପାଣି ପ୍ରକଳ୍ପ-୧ରେ ଚିରସ୍ରୋତା ସୁବର୍ଣ୍ଣରେଖା ନଦୀରୁ ପାଣି ଉଠାଇ ଆରୁ ହାବୃଦ୍ଧି ନିକଟରେ ବିଶୋଧନ କରି ୨୧ଟି ପଂଚାୟତର ୯୦ଟି ଗାଁକୁ ପାନୀୟ ଜଳ ଯୋଗାଇ ଦିଆଯାଉଛି । ପୁଣି ୨୦୨୧-୨୨ରେ ଆରମ୍ଭ ହୋଇଥିବା ମେଗା-୨ର କାର୍ଯ୍ୟ ଏପର୍ଯ୍ୟନ୍ତ ଶେଷ ହୋଇପାରୁନାହିଁ। ଫଳରେ ଅବଶିଷ୍ଟ ୧୯ ପଂଚାୟତର ୧୨୩ ଗାଁ ପାଣି ପାଇଁ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି।

## ପିକଅପ ଚାଳକଙ୍କୁ ପିଟି ପିଟି ହତ୍ୟା

**ବଣାଇ :** ସୁନ୍ଦରଗଡ ଭଷ୍ମା ଥାନା ସୂର୍ଢ଼ା ନିକଟରେ ଅଭାବନୀୟ କାଣ୍ଡ। ଜଣେ ପିକଅପ ଚାଳକଙ୍କୁ ପିଟି ପିଟି ହତ୍ୟା କରିଛନ୍ତି ଅନ୍ୟ ଟ୍ରେଲର ଚାଳକ। ଟ୍ରଲର ଚାଳକ ମାନେ ସମ୍ପୃକ୍ତ ପିକଅପ ଚାଳକଙ୍କୁ ସାମୁହିକ ଭାବେ ମାଡ଼ ମାରି ଅତି ନିର୍ମମ ଭାବେ ହତ୍ୟା କରିଥିବା ଜଣା ପଡିଛି। ପିକଅପ ଚାଳକ ନିସ୍ତେଜ ହେବା ପରେ ତାଙ୍କୁ ତାଙ୍କରି ପିକଅପ ଗାଡ଼ିରେ ଲଦି ପ୍ରଥମେ ସରକାରୀ ମେଡ଼ିକାଲ କଲେଜ ଓ ହସ୍ପିଟାଲ କୁ ଆଣିଥିଲେ । ତେବେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ତୁରନ୍ତ ଭଷ୍ମା ପୋଲିସ ଓ ଟାଉନ ପୋଲିସକୁ ସୂଚନା ଦେଉଥିଲେ। ସୂଚନା ପାଇ ଭଷ୍ମା ପୋଲିସ



ଘଟଣାସ୍ଥଳରେ ପହଞ୍ଚି କ୍ରାଇମ ସ୍ପଟକୁ ଚିହ୍ନଟ କରି ତଦନ୍ତ ଜାରି ରଖିବା ସହ ଏହି ହତ୍ୟା କାଣ୍ଡରେ ସମ୍ପୃକ୍ତ ଥିବା ତିନି ଜଣ ଚାଳକଙ୍କୁ ଅଟକ ରଖିଛି ଭଷ୍ମା ପୁଲିସ । ଥାନାକୁ ନେବା ସହ କ୍ରାଇମ୍ । ପିକଅପ ଗାଡ଼ିଟି ଟାୟାର ଛାଡ଼ି ଫେରୁଥିବା ବେଳେ ରାସ୍ତା ପାରି ହେଉଥିବା ଜଣେ ଟ୍ରେଲର ଚାଳକ କୁ ଧକ୍କା ଦେଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅନ୍ୟ ସାଥୀ ଟ୍ରେଲର ଚାଳକ ମାନେ ପିକଅପ ଚାଳକ ରାଜେଶ ମୁଣ୍ଡା କୁ ଲୁହା ରଡ଼ ଏବଂ ଅନ୍ୟ ମାରଣାସ୍ତ୍ର ରେ ପିଟି ପିଟି ହତ୍ୟା କରିଥିଲେ । ମୃତକ ରାଜେଶ ମୁଣ୍ଡାଙ୍କ ଘର ସାଗରପାଲି ଖମାର ପଡ଼ା ବୋଲି ଜଣାପଡିଛି ।

## ଶ୍ରୀଶ୍ରୀ ରାଧାକୃଷ୍ଣ ଜୀଉ ମନ୍ଦିର ଚତୁର୍ଥ ବାର୍ଷିକ ଉତ୍ସବରେ ୧୦୮ କଳଶ ଶୋଭାଯାତ୍ରା



**ବାଲେଶ୍ୱର :** ବାଲେଶ୍ୱର ବାଲିଆ ସ୍ଥିତ ନୁଆସାହି ରାଧାକୃଷ୍ଣ ଜୀଉ ମନ୍ଦିର କମିଟି ଓ ଅଞ୍ଚଳ ବାସୀଙ୍କ ମିଳିତ ସହଯୋଗରେ ନିର୍ମିତ ଶ୍ରୀ ଶ୍ରୀ ରାଧାକୃଷ୍ଣ ଜୀଉ ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ ମହା ସମାରୋହରେ ଶୁଭାରମ୍ଭ ହୋଇଛି। ଆଜି ଏହି ଉତ୍ସବର ପ୍ରଥମ ଦିବସରେ ୧୦୮ କଳସ ଯାତ୍ରା, ଅଧିବେସନ ଓ ହୋମଯଜ୍ଞ ନାମ ସଂକୀର୍ତ୍ତନ କାର୍ଯ୍ଯକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ରେମୁଣା ବିଧାୟକ ତଥା ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଅତିଥି ଭାବେ ଯୋଗ ଦେଇ ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ବାଲିଆ ସରପଞ୍ଚ ନିତାଇ ଚରଣ ଦାସ ଙ୍କ ସହ ବହୁ ମାନ୍ୟଗଣ ବ୍ୟକ୍ତି ଯୋଗ ଦେଇଥିଲେ ।ସନ୍ଧ୍ୟାରେ ନାମ ସଂକୀର୍ତ୍ତନ କାର୍ଯ୍ଯକ୍ରମରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।ନାମ ସଂକୀର୍ତ୍ତନ ଓ ଯଜ୍ଞ ଦ୍ୱାରା ଏକ ଭକ୍ତି ଭାବମୟ ପରିବେଶ ସୃଷ୍ଟି ହୋଇଥିଲା । ଆସନ୍ତା କାଲି ରବିବାର ଦ୍ୱିତୀୟ ଦିବସରେ ମହାଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ପ୍ରସ୍ତୁତି ହୋଇଥିବା ବେଳେ କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେବା ନେଇ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଏହି ବାର୍ଷିକ ଉତ୍ସବରେ ମନ୍ଦିର ପରିଚାଳନା କମିଟିର ସଭାପତି ଆଇନଜୀବି ହରେକୃଷ୍ଣ ଦାସ ଓ ସମ୍ପାଦକ ନିତ୍ୟାନନ୍ଦ ସାମଲଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଅଞ୍ଚଳ ବାସୀ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଛନ୍ତି। ଏହି ଉତ୍ସବକୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଆଗମନ ହେବା ସହ ଶ୍ରୀଶ୍ରୀ ରାଧାକୃଷ୍ଣ ଜୀଉଙ୍କ ଠାରେ ପୂଜା ଅର୍ଚ୍ଚନା କରିବା ସହିତ ଆଶ୍ରିତ କାମନା କରିଛନ୍ତି ।

## ପୋଲିସ ଏନ୍‌କାଉଣ୍ଟରରେ ଦୁର୍ଦ୍ଦାନ୍ତ ଅପରାଧି ଦିପୁନା

**ବ୍ରହ୍ମପୁର :** ବର୍ତ୍ତମାନ ରାଜ୍ୟ ତଥା ଗଞ୍ଜାମ ଜିଲ୍ଲାରେ ଅପରାଧିମାନଙ୍କ ଦୌରାମ୍ୟ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ବହୁ ଦିନ ପରେ ବ୍ରହ୍ମପୁର ପୋଲିସ ପକ୍ଷରୁ ଜଣକୁ ଏନ୍‌କାଉଣ୍ଟର କରାଯାଇଛି । ଗୋପାଳପୁର ଥାନା ଅଞ୍ଚଳର ଦୁର୍ଦ୍ଦାନ୍ତ ଅପରାଧି ଦିପୁନା ନାୟକ ଓରଫ୍ ଦିପୁକୁ ଏପରି ଏନ୍‌କାଉଣ୍ଟର କରାଯାଇଛି । ପୋଲିସ ଗୁଳିରେ ଦିପୁର ବାମ ଗୋଡ଼ରେ ଗଭୀର ଆଘାତ ଲାଗିଛି। ତାକୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ସୂଚନା ଥାଉକି, ଦୀପୁନା ନାମରେ ବହୁ ଅପରାଧିକ ମାମାଲା ରହିଥିବା ସୂଚନା ମିଳିଛି ।

### ପେଟ୍ରୋଲ-ଡିଜେଲର ଦର ବୃଦ୍ଧି ବାତିଲ କର ଓ ନିଟ ପେପର ଲିକ ଦୁର୍ନୀତିରେ

## ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ସିପିଏମର ପ୍ରତିବାଦ

**ବ୍ରହ୍ମପୁର :** ପେଟ୍ରୋଲ ଡିଜେଲ ଓ ଉଘଏ ର ଦରବୃଦ୍ଧି ବାତିଲ କର ଦାବିରେ ସିପିଏମ ପକ୍ଷରୁ କମାପଲି ଛକଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ।ଏଥିରେ ବକ୍ତା ମାନେ ତୈଳ ସଙ୍କଟ ପାଇଁ ମୋଦି ସରକାର ତ୍ରୁଟିପୂର୍ଣ୍ଣ ଓ ଅପାରଗତା କାର୍ଯ୍ୟହିଁ ଦାୟୀ ବୋଲି ଅଭିଯୋଗ କରିଥିଲେ। ମୋଦି ସରକାର ତୈଳ ସଙ୍କଟ ସମାଧାନ ପରିବର୍ତ୍ତେ ଚାରି ରାଜ୍ୟରେ ସରକାର ଦଖଲ ପାଇଁ ଲାଗିପଡିଲେ। ସେହିଭଳି ଟ୍ରମ୍ପ ନିର୍ଦ୍ଦେଶରେ ଋଷିଆରୁ ତେଲ ନ କିଣିବା, ଇରାନ ପରିବର୍ତ୍ତେ ଇସ୍ରାଇଲ ସପକ୍ଷରେ ଅବସ୍ଥାନ ଗ୍ରହଣ ଯୋଗୁଁ ଦେଶରେ ତୈଳ ଓ ଗ୍ୟାସର ସଙ୍କଟ ସୃଷ୍ଟି ହୋଇଛି ।ବର୍ତ୍ତମାନ ଏହି ସଂକଟର ବୋଝ ସାଧାରଣ ଲୋକଙ୍କ ଉପରେ ଲଦିବା ପରିବର୍ତ୍ତେ ଲିଟର ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ଟିକସ ବାବଦରେ ଆଦାୟ କରୁଥିବା ପ୍ରାୟ ୫୦ ଟଙ୍କାରୁ ଭରଣା କରିବା ପାଇଁ ଦାବୀ କରାଯାଇଛି। କେନ୍ଦ୍ରସରକାର ଗତ ଦଶ ବର୍ଷ ମଧ୍ୟରେ ପ୍ରାୟ ୪୪ ଲକ୍ଷ କୋଟି ଓ ତୈଳ କମ୍ପାନୀ ଗୁଡିକ ସାଢ଼େ ୩ଲକ୍ଷ କୋଟି ଲାଭ ଉଠାଇଛନ୍ତି ।ପରିସ୍ଥିତି ନିୟନ୍ତ୍ରଣ ହେବା ପର୍ଯ୍ୟନ୍ତ ଏହି ପାଣ୍ଠି କୁ ବିନିଯୋଗ କରିବା ପାଇଁ ଦାବି କରାଯାଇଛି। ସେହିଭଳି ମୋଦି ସରକାର କ୍ଷମତାସୀନ ହେବାପରେ ନିଟ ପରୀକ୍ଷାରେ ବାରମ୍ବାର ଘୋଟଲା ହୋଇଯାଇଛି ।ଲକ୍ଷ ଲକ୍ଷ ମେଧାବୀ ଛାତ୍ରଙ୍କ ଭବିଷ୍ୟତକୁ ବଳି ପକାଇ ଡାକ୍ତର ପରିବର୍ତ୍ତେ ଡକାୟତ ସୃଷ୍ଟି କରାଯାଉଛି। ଏଥିରେ ଶିକ୍ଷା ବିଭାଗ, ଘଞ୍ଚଇ ଓ ଶିକ୍ଷା ବେପାରୀ ମାନଙ୍କର ଏକ ଅସାଧୁ ମେଣ୍ଟ ସକ୍ରିୟ ହୋଇଛି ।ଘଞ୍ଚଇ କୁ ସ୍ୱଚ୍ଛ ଓ ଲକ୍ଷ ଲକ୍ଷ ମେଧାବୀ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଓ ଉତ୍ତମ ଚିକିତ୍ସା ବ୍ୟବସ୍ଥା ପାଇଁ କେନ୍ଦ୍ର ସରକାରଙ୍କୁ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ଏହି ପ୍ରତିବାଦ ସଭାରେ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ଶିବ ପ୍ରସାଦ ମହାପାତ୍ର, ବାବୁଲି ନାୟକ, ଗୋକୁଳ ତ୍ରିପାଠୀ, କେଶବ ଗୌଡ଼, ହରି ନାହାକ, ଚିଟିବାବୁ, ରାଜରାଓ ,ମଧୁ ବେହେରା, ଗୋପାଳ ପାଣିଗ୍ରାହୀ, ପ୍ରଶାନ୍ତ ବିଶୋଇ, ଅଜିତ ପାଣିଗ୍ରାହୀ, ମୋହନ ରାଓ, କାଳି ମିଶ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।




Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha

Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati